ଧରିତ୍ରୀ
DHARITRI
ବୁଧବାର, ୨୮ ଜୁଲାଇ, ୨୦୨୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୫୭,୦୫,୮୭୦ | ୪୧,୮୮,୮୬୨ | ୧୭,୭୪,୪୫,୬୦୯ |
| ଭାରତ | ୩,୧୪,୭୦,୮୯୩ | ୪,୨୧,୬୬୨ | ୩,୦୬,୩୪,୨୦୨ |
| ଓଡ଼ିଶା | ୯,୭୦,୮୧୪ | ୫୬୩୪(+୫୩) | ୯,୪୯,୩୫୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ୧୩ ଭାଷାରେ ରାଉଟର୍ ଆପ୍

■ ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ ପତ୍ର

ସମ୍ବଲପୁର,୨୭।୭ (ବ୍ୟୁରୋ): ସମ୍ବଲପୁର ଜିଲା ନାକଟିଦେଉଳ କାଡ଼ାନାଲି ଗ୍ରାମର ଆୟୁଷ ରଞ୍ଜନ ରାଉତ (୧୪) ତିଆରି କରିଥିବା ରାଉଟର୍ ଆପ୍ ଏବେ ୧୩ଟି ଭାଷାରେ ଉପଲବ୍ଧ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଓଡିଆ, ବଙ୍ଗଳା, ଗୁଜୁରାଟି, ମରାଠି, ଇଂରାଜୀ, କନ୍ନଡ ପରି ଭାଷା ରହିଛି। ଏଥିରେ ଫେସ୍‌ବୁକ ଭଳି ଫିଚର୍ ରହିଥିବା ସେ ଦାବି କରିଛନ୍ତି। ଏହାର ଉଦ୍‌ଘାଟନ କରିବା ପାଇଁ ସେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ ପତ୍ର ପଠାଇଛନ୍ତି। ସୂଚନାଯୋଗ୍ୟ ଆୟୁଷ ଏପର୍ଯ୍ୟନ୍ତ ୧୫ଟିରୁ ଅଧିକ ୱେବ୍‌ସାଇଟ୍ ନିର୍ମାଣ କରିସାରିଛନ୍ତି। ଆଗକୁ ଏକ ସେଫ୍ଟୱେର ହେବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ସେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କୁ ଭେଟି ପ୍ରଶଂସା ସାଉଁଟିଥିଲେ।

### ଡାକ୍ତରଖାନା ନିକଟରୁ ରୋଗୀଙ୍କ ଝୁଲନ୍ତା ମୃତଦେହ ଜବତ

■ ରବିବାରଠାରୁ ଚିକିତ୍ସାଧୀନ ଥିଲେ

ଉମରକୋଟ,୨୭।୭(ସ୍ୱ.ପ୍ର.)
ଚିକିତ୍ସାଧୀନ ଜଣେ ରୋଗୀଙ୍କ ଝୁଲନ୍ତା ମୃତଦେହ ଡାକ୍ତରଖାନା ନିକଟ କାଜୁ ଜଙ୍ଗଲରୁ ମିଳିଛି। ମୃତକ ହେଲେ ଉମରକୋଟ ସହର ୫୨ ନଂ . ବଙ୍ଗୀୟ ଗ୍ରାମର ଜଗଦୀଶ ସର୍ଦ୍ଦାର (୪୯)। ସୂଚନାନୁଯାୟୀ, ଜଗଦୀଶ ଚାଷ ସହ ଏକ ଚିକେନ୍ କାଉଣ୍ଟର କରିଥିଲେ। ଚାଷ ଓ ଦୋକାନ ପାଇଁ ଜଗଦୀଶ ଏସ୍‌ଏଚ୍‌ଜି ଓ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କଠାରୁ ଟଙ୍କା ଧାର ଆଣିଥିଲେ। ନିର୍ଦ୍ଧାରିତ ସମୟରେ ପରିଶୋଧ ନ କରିବାରୁ ଋଣଦାତାମାନେ ବାରମ୍ବାର ଚାପ ପକାଉଥିଲେ। ସେ ମାନସିକ ଅବସାଦରେ ରହୁଥିଲେ। ରବିବାର ତାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସୋମବାର ପରିବାର ଲୋକେ ଘରକୁ ଯାଇଥିବାବେଳେ ଜଗଦୀଶ ସ୍ୱାସ୍ଥ୍ୟକେନ୍ଦ୍ରରୁ ପଳାଇଥିଲେ। ପରିବାର ଓ ସମ୍ପର୍କୀୟ ଅନେକ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକେ ଏ ନେଇ ପୋଲିସରେ ଖବର ଦେଇଥିଲେ। ମଙ୍ଗଳବାର ସକାଳେ କୃଷି ବିଭାଗ ଫାର୍ମ କାଜୁ ବାଡ଼ରେ ଜଗଦୀଶଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ୫୧/୨୧ରେ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁମନ୍ତ ରାଉଳ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ରାତିରେ ଜଗଦୀଶ ତାଙ୍କ ବେଡ୍‌ରେ ନ ଥିବା ଜାଣି ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ।

# ଓଡ଼ିଶାରେ ବଢୁଛି ବନାଗ୍ନି ବିପତ୍ତି

**୭ ମାସରେ ୫୨ ହଜାର ସ୍ଥାନରେ ଜଙ୍ଗଲ ନିଆଁ**



ଭୁବନେଶ୍ୱର, ୨୭।୭(ବ୍ୟୁରୋ)
ଓଡ଼ିଶାରେ ବନାଗ୍ନି ବିପର୍ଯ୍ୟୟ ବଢୁଛି। ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ (୭ମାସ) ମଧ୍ୟରେ ରାଜ୍ୟରେ ସର୍ବାଧିକ ଜଙ୍ଗଲ ପୋଡ଼ି ଦୃଷ୍ଟିଗୋଚର ହୋଇଛି। ଏହି ସମୟ ମଧ୍ୟରେ ଦେଶରେ ସମୁଦାୟ ୩ ଲକ୍ଷ ୪୫ ହଜାର ୯୮୯ଟି ବନାଗ୍ନି ଘଟଣା ତାଲିକାଭୁକ୍ତ ହୋଇଥିବାବେଳେ କେବଳର ଓଡ଼ିଶାରେ ୫୧ ହଜାର ୯୬୮ ଜଙ୍ଗଲ ବନାଗ୍ନି କବଳକୁ ଆସିଥିଲା। ଭାରତୀୟ ଜଙ୍ଗଲ ସର୍ଭେ (ଏଫ୍‌ଏସ୍‌ଆଇ) ଦ୍ୱାରା କରାଯାଇଥିବା ସାଟେଲାଇଟ ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ପାର୍ଲାମେଣ୍ଟରେ ଏହି ସୂଚନା ଦେଇଛନ୍ତି। ତେବେ ବନାଗ୍ନି କାରଣରୁ ମୋଟ କେତେ ଜଙ୍ଗଲ ନଷ୍ଟ ହୋଇଛି, ତାହା ଆକଳନ କରାଯାଇ ନ ଥିବା ମନ୍ତ୍ରୀ କହିଛନ୍ତି।

ବନାଗ୍ନି ଘଟଣାରେ ଓଡ଼ିଶା ପରେ ଦ୍ୱିତୀୟ ସ୍ଥାନରେ ରହିଛି ମଧ୍ୟପ୍ରଦେଶ। ଏଠାରେ ୪୭ ହଜାର ୭୯୫ ବନାଗ୍ନି ଘଟଣା ସାମ୍ନାକୁ ଆସିଛି। ସେହିପରି ଛତିଶଗଡ଼ରେ ୩୮ ହଜାର ୧୦୬, ମହାରାଷ୍ଟ୍ରରେ ୩୪ ହଜାର ୨୫, ଝାଡ଼ଖଣ୍ଡରେ ୨୧ ହଜାର ୭୧୩, ଉତ୍ତରାଖଣ୍ଡରେ ୨୧ ହଜାର ୪୮୭, ଆନ୍ଧ୍ରପ୍ରଦେଶରେ ୧୯ ହଜାର ୩୨୮, ତେଲଙ୍ଗାନାରେ ୧୮ ହଜାର ୨୩୭, ମିଜୋରାମରେ ୧୨ ହଜାର ୮୪୬, ଆସାମରେ ୧୦ ହଜାର ୭୧୮ ଏବଂ ମଣିପୁରର ୧୦ ହଜାର ୪୫୭ ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। କେତେକ ସ୍ଥାନରେ ପ୍ରାକୃତିକ ଉପାୟରେ ନିଆଁ ଲାଗି ଥିବାବେଳେ ଅନ୍ୟ କେତେକ ସ୍ଥାନରେ ବିଡ଼ି, ସିଗାରେଟ ନିଆଁ ବନାଗ୍ନିର କାରଣ ବୋଲି ଏଫ୍‌ଏସ୍‌ଆଇ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସାଟେଲାଇଟ ଆଧାରିତ ସ୍ୱୟଂକ୍ରିୟ ଜଙ୍ଗଲ ନିଆଁ ତଦାରଖ ଓ ସତର୍କ ବ୍ୟବସ୍ଥା ମାଧ୍ୟମରେ ବନାଗ୍ନି ଉପରେ ନଜର ରଖିବା ଲାଗି ଏଫ୍‌ଏସଆଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିୟମିତ ଏସଏମ୍‌ଏସ ଜରିଆରେ ସୂଚନା ପ୍ରଦାନ କରାଯାଉଛି। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥାଆନ୍ତି। ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଦାୟିତ୍ୱ ଉଭୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର। ଏହାଛଡ଼ା ଜଙ୍ଗଲ ନିଆଁ ସମ୍ପର୍କରେ ଏଫ୍‌ଏସ୍‌ଆଇ ପକ୍ଷରୁ ପ୍ରତି ସପ୍ତାହରେ ଆଗୁଆ ସୂଚନା ଦିଆଯାଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

## ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ପିଟିଶନ

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**

କଟକ ଅଫିସ, ୨୭।୭
ଗଜପତି ଜିଲା ପାରଳାଖେମୁଣ୍ଡିର ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି କରି ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ମଙ୍ଗଳବାର



ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଏଥିରେ ସେ କେନ୍ଦ୍ର ଗୃହ ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ଡିଜିପି, ଗଜପତି ଏସ୍‌ପି ଓ ପାରଳାଖେମୁଣ୍ଡି ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଗତ ୧୨ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ସୌମ୍ୟଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଓ ସେଠାରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏସ୍‌ସିବି ମେଡିକାଲରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ କ୍ରାଇମବ୍ରାଞ୍ଚ ଟିମ୍ ସହଯୋଗ କରୁଛି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ତେଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯାଉ, ଅଥବା ହାଇକୋର୍ଟର ଜଣେ ବିଚାରପତିଙ୍କ ନେତୃତ୍ୱରେ ଏକ ସ୍ୱାଧୀନ କମିଟି ଗଠନ କରି ତଦନ୍ତ କରାଯାଉ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି।

## ଗଛରେ ପିଟିହେଲା କାର୍: ୩ ମୃତ

କେସିଙ୍ଗା, ୨୭।୭ (ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ଥାନା ୨୬ ନଂ. ଜାତୀୟ ରାଜପଥର ଚାଞ୍ଚେର ବୁଲାଣିରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍ ଭାରସାମ୍ୟ ହରାଇ ତାଳଗଛରେ ପିଟି ହେବାରୁ ୩ଜଣଙ୍କ ଜୀବନ ଯାଇଛି। ସେମାନେ ହେଲେ ଆନନ୍ଦିନୀ ଦାଶ (୩୫), ତାଙ୍କ ବଡ଼ଝିଅ ଅଲି (୧୧) ଓ ସାନଝିଅ ରୋଲି (୭)। ଏହି ଦୁର୍ଘଟଣାରେ ଆନନ୍ଦିନୀଙ୍କ ଭାଇ ବାଦଲ ବିକାଶ ଦାଶ (୩୦) ଏବଂ ଡ୍ରାଇଭର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ବ୍ଲକ ଜଗନ୍ନାଥପୁରରୁ ୫ଜଣ କାର୍ (ନଂ.ଓଡି୦୩ଏସ୍-୪୧୦୦) ଯୋଗେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ହାଟପଦାପଡ଼ା ମାମୁଘରକୁ ଯାଉଥିଲେ। ଏହି ସମୟରେ ଚାଞ୍ଚେର ବୁଲାଣିରେ କାର୍‌ଟି ଭାରସାମ୍ୟ ହରାଇ ତାଳଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କେସିଙ୍ଗା ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ଆନନ୍ଦିନୀ, ଅଲି ଓ ରୋଲିଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ରେଲା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ କାର୍ ।



ବରଗଡ଼ ଗାନ୍ଧୀଛକରେ ଚାଳକମାନେ ରାସ୍ତା ଉପରେ ବସିଛନ୍ତି ।

## ୧୨ ଘଣ୍ଟିଆ ବରଗଡ଼ ବନ୍ଦ

■ ଚାଳକମାନେ କଲେ ଚକାଜାମ୍
■ ଜିଲାବ୍ୟାପୀ ସ୍ୱତଃସ୍ଫୂର୍ତ୍ତ ସମର୍ଥନ
■ ୯ଜଣଙ୍କୁ ଉଠାଇନେଲା ପୋଲିସ
■ ଆଗକୁ ରାଜ୍ୟବ୍ୟାପୀ ଆନ୍ଦୋଳନ

ବରଗଡ଼ ଅଫିସ,୨୭।୭
କରୋନା କାଳରେ ରାଜ୍ୟ ସରକାର ମୋଟର ଚାଳକଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରିଛନ୍ତି। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଏଭଳି ଅଭିଯୋଗ କରି ୯ଦଫା ଦାବିରେ ଓଡ଼ିଶା ମୋଟର ଚାଳକ ସଂଘ ବରଗଡ଼ ଜିଲା କମିଟି ପକ୍ଷରୁ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଆନ୍ଦୋଳନ ଯୋଗୁ ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳରେ ଦୋକାନବଜାର ବନ୍ଦ ରହିଥିଲା। ଚାଳକମାନେ ବିଭିନ୍ନ ସ୍ଥାନରେ ଚକାଜାମ୍ କରିବା ଯୋଗୁ ଯାନବାହନ ଚଳାଚଳ ବନ୍ଦ ସହିତ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଚାଳକମାନେ ପିକେଟିଂ କରି ସରକାରୀ, ବେସରକାରୀ ଦପ୍ତରଗୁଡ଼ିକୁ ମଧ୍ୟ ବନ୍ଦ କରିଥିଲେ। ଆନ୍ଦୋଳନ ଚାଲିଥିବାବେଳେ ବରଗଡ଼ ସହରରେ ପୋଲିସ ଜିଲା ମୋଟର ଚାଳକ ସଂଘ ସଭାପତି ନିରୋଜ ପୋଡ଼ ଯାଦବଙ୍କ ସମେତ ୯ଜଣଙ୍କୁ ଉଠାଇ ନେଇଥିଲା। ସେମାନଙ୍କୁ ସ୍ଥାନୀୟ ଟାଉନ ଥାନାରେ ଅଟକ ରଖି ଅପରାହ୍ଣ ପ୍ରାୟ ୩ଟାରେ ଛାଡ଼ି ଦେଇଥିଲା।

ଜିଲାର ଅତାବିରା ଥାନା ଅଧୀନ ରେଙ୍ଗାଲି କ୍ୟାମ୍ପ, ଗୋଡ଼ଭଗାରେ ଚାଳକମାନେ ରାସ୍ତାକୁ ଓହ୍ଲାଇଥିଲେ। ବରପାଲିରେ ଉଭୟ ଗାଡ଼ି ଚଳାଚଳ, ଦୋକାନ ବଜାର ବନ୍ଦ ଥିଲା। ପାଇକମାଳରେ ବନ୍ଦ ସଫଳ ହୋଇଥିଲା। ଉଭୟ ପାଇକମାଳ, ମାଣ୍ଡୋସିଲ ଚାଳକ ସଂଘ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ବଣିକ ସଂଘ ସମର୍ଥନ କରିଥିଲା। ଉଗ୍ରସେନ ସାହୁ, ରବି ସାହୁ ଏଠାରେ ନେତୃତ୍ୱ ନେଇଥିଲେ। ପଦ୍ମପୁରରେ ଚାଳକମାନେ ଏକ ଶୋଭାଯାତ୍ରାରେ ଯାଇ ଉପଜିଲାପାଳ ତ୍ରିବିକ୍ରମ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୁବାସ ସାହୁ, ଈଶ୍ୱର ବାଗ ପ୍ରମୁଖ ଏଠାରେ ନେତୃତ୍ୱ ନେଇଥିଲେ। ଝାରବନ୍ଧରେ ଗୋବିନ୍ଦ ସାହୁ, ଦୟା ନାଏକ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଜିଲାର ଅନ୍ୟ ବ୍ଲକରେ ମଧ୍ୟ ବନ୍ଦ ଆନ୍ଦୋଳକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା।

## ମାସକ ମଧ୍ୟରେ ପ୍ରଦାନ କର: ହାଇକୋର୍ଟ

**ପୂର୍ବତନ ଶିକ୍ଷକଙ୍କ ବକେୟା ପ୍ରାପ୍ୟ ମାମଲା**

କଟକ ଅଫିସ, ୨୭।୭
କଟକ ଜିଲା ସାଲେପୁର ଅଞ୍ଚଳର ଜଣେ ପୂର୍ବତନ ଶିକ୍ଷକଙ୍କ ସମସ୍ତ ବକେୟା ପ୍ରାପ୍ୟ ମାସକ ମଧ୍ୟରେ ପ୍ରଦାନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଳମ୍ବ ପାଇଁ ଯେଉଁ ଅଧିକାରୀମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୂଳ ଆବେଦନକାରୀଙ୍କ ପରଲୋକ ଘଟିଥିବାବେଳେ ତାଙ୍କ ସ୍ତ୍ରୀଙ୍କର ବୟସାଧିକ୍ୟ ହୋଇଯାଇଥିବାରୁ ହାଇକୋର୍ଟ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରିଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରିଥିଲେ।

ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ଟାଇମ୍ ବାଉଣ୍ଡ ଆଡଭାନ୍ସମେଣ୍ଟ ସ୍କେଲପାଇଁ ଆବେଦନ କରିଥିଲେ। କିନ୍ତୁ ନ ମିଳିବାରୁ ସେ ୧୯୯୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୪ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଉକ୍ତ ପ୍ରାପ୍ୟ ପ୍ରଦାନ କରି ନ ଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ୨୦୧୧ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୮ରେ ସୁପ୍ରିମକୋର୍ଟ ରାୟ ଶୁଣାଇବା ସହ ମାମଲାକୁ ଖାରଜ କରିଦେଇଥିଲେ। ୨୦୧୦ରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିବାରୁ ତାଙ୍କ ସ୍ତ୍ରୀ ମୀନଲତା ମହାନ୍ତି(୮୩) ଏହି ମାମଲା ଲଢୁଛନ୍ତି।

## ୪ ଜିଲାପାଳଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

**ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲା**

■ ଅଗଷ୍ଟ ୧୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୨୭।୭
ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ମିଳିତ ଖଣ୍ଡପୀଠ ଏହାର ଶୁଣାଣି କରିବା ସହ ୪ ଜିଲାର ଜିଲାପାଳ ବ୍ୟକ୍ତିଗତ ହାଜର ହୋଇ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧୪ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ସମ୍ପର୍କରେ କି ପଦକ୍ଷେପ ନେଇଛ, କେତେଜଣଙ୍କ ନାଁରେ ମାମଲା ରୁଜୁ କରିଛ ଓ କେତେ ଘେରି ଉଚ୍ଛେଦ କରିଛ ବୋଲି ହାଇକୋର୍ଟ କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଙ୍ଗଳବାର କେବଳ ଗଞ୍ଜାମ ଜିଲାପାଳ ସତ୍ୟପାଠ ଦାଖଲ କରିଥିଲେ। ତେଣୁ ହାଇକୋର୍ଟ ଏଥିରେ ବିରକ୍ତି ପ୍ରକାଶ କରିବା ସହ ସମସ୍ତ ଜିଲାପାଳଙ୍କୁ ଆସନ୍ତା ଅଗଷ୍ଟ ୧୪ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଦିନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସମୟରେ କେତେ ଡିଜି ସେଟ୍, ପାଣିପମ୍ପ ଓ ଜେନେରେଟର ଜବତ କରାଯାଇଛି, ତାହା ଉପରେ ଜିଲାପାଳମାନେ ତଥ୍ୟ ରଖିବେ।

କେନ୍ଦ୍ରାପଡ଼ା ଜିଲା ପାଇଁ ସ୍ୱତନ୍ତ୍ର ଭାବେ କୁହାଯାଇଛି, ପୂର୍ବରୁ ଭିତରକନିକାର ସାଟେଲାଇଟ୍ ଭେରିଫିକେଶନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା କରାଯାଇନାହିଁ। ତେଣୁ ଏହା କାହିଁକି କରାଯାଇନାହିଁ, ସେ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ପରବର୍ତ୍ତୀ ଶୁଣାଣିବେଳେ ଜବାବ ରଖିବେ। ସୂଚନାଯୋଗ୍ୟ, ଆର୍ଦ୍ରଭୂମି ସୁରକ୍ଷା ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ।

## ରାସ୍ତା ପାର୍ଶ୍ୱରୁ ହେଟାବାଘ ଉଦ୍ଧାର



ମାଲକାନଗିରି, ୨୭।୭ (ଡି.ଏନ.ଏ.)
ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥର ନାୟକଗୁଡ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଏକ ହେଟାବାଘର ମୃତଦେହ ମଙ୍ଗଳବାର ଜବତ ହୋଇଛି। ସକାଳେ ହେଟା ବାଘଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ି ରହିଥିଲା। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏହା ଦେଖି ବନବିଭାଗକୁ ଜଣାଇଥିଲେ। ବିଭାଗୀୟ କର୍ମଚାରୀ ପହଞ୍ଚି ହେଟାବାଘକୁ ଉଦ୍ଧାର କରି ଚିକିତ୍ସା ଲାଗି ନେଇଥିଲେ। ଏ ସମ୍ପର୍କରେ ସହକାରୀ ବନ ସରଂକ୍ଷକ ଶ୍ରୀକାନ୍ତ ନାଏକଙ୍କୁ ପଚାରିବାରୁ ସେ କହିଲେ, ଆମେ ଖବର ପାଇବା ପରେ ସଙ୍ଗେସଙ୍ଗେ ସେଠାରେ ପହଞ୍ଚି ହେଟାବାଘକୁ ଚିକିତ୍ସା ଲାଗି ଆଣିଥିଲୁ। ବ୍ୟବଚ୍ଛେଦ ପରେ ତାକୁ ପୋତି ଦିଆଯାଇଛି।



## ଇଗ୍ନୋ ସେଣ୍ଟରରେ ଶିକ୍ଷାର୍ଥୀ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,(ବ୍ୟୁରୋ): ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଷ୍ଟଡି ସେଣ୍ଟର ପକ୍ଷରୁ କଲେଜମାନଙ୍କୁ ନେଇ ବିଦ୍ୟାର୍ଥୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଝସକେତନ ସାହୁ କଲେଜ ଅଧକ୍ଷ ସନ୍ଧ୍ୟା ମିଶ୍ର, ମାନଧାତା ବାବା କଲେଜ ଅଧକ୍ଷ ସତ୍ୟନାରାୟଣ ଚୌଧୁରୀ ଓ ଅଧାପକ ଡ. ସତ୍ୟନାରାୟଣ ଠାକୁର, ପୂର୍ଣ୍ଣଚନ୍ଦ୍ର ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୂରଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ସିବି କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ଡ. ରଘୁମଣି ନାୟକ, ସହ ସଂଯୋଜକ ହରିହର ମଲ୍ଲିକ, ବୀରସେନ ଦଲାଇ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ୧୦ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୨୭।୭ (ବ୍ୟୁରୋ): ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ୧୦ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୦.୨୫ ଫୁଟ୍ ରହିଛି। ବାମ ପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି। ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୫ ହଜାର ୭୫୩ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୧ ଲକ୍ଷ ୬୬ ହଜାର ୫୮୨ କ୍ୟୁସେକ ଜଳ ନିଷ୍କାସନ ହେଉଛି। ୧୦ଟି ଗେଟ୍ ଦେଇ ୧ ଲକ୍ଷ ୪୮ ହଜାର ୦୫୦, ପାୱାର ଚ୍ୟାନେଲ ୧୪ ହଜାର ୩୦୫, ଶିକ୍ଷାଞ୍ଚଳ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୩୯୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସେହିପରି ପର୍ଥଲା ୨୦ ହଜାର ୨୭୯, ଖଇରମାଲରେ ୨ ଲକ୍ଷ ୬ ହଜାର, ବରମୁଲାରେ ୧ ଲକ୍ଷ ୧୦ ହଜାର ୨୫୦ ଓ ମୁଣ୍ଡଲୀରେ ୧ ଲକ୍ଷ ୫ ହଜାର ୬୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଜମନକିରା, ୨୭।୭(ଡି.ଏନ୍.ଏ.): ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯିବା ଅବସରରେ ବୃକ୍ଷ ରୋପଣ କରାଯାଇଛି। ଏହାକୁ ଯୁକ୍ତ ୨ ଅଧ୍ୟକ୍ଷ କୃପାସିନ୍ଧୁ ନାଥ ଓ ଯୁକ୍ତ ୩ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଅରୁଣା ମିଶ୍ର, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ଅଧ୍ୟାପିକା ଡ. ତୃପ୍ତି ମିଶ୍ର, ଅଧ୍ୟାପିକା ସୁଶ୍ରୀ ସୁଷମା ପଟ୍ଟନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

### କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୭।୭ (ବ୍ୟୁରୋ): କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୮୩ତମ ପ୍ରତିଷ୍ଠା ଦିବସ ସମ୍ବଲପୁର ଜିଲା ଗୋଶାଳାସ୍ଥିତ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉପ ମହାନିରୀକ୍ଷକ ଲାଲଚାନ୍ଦ ଯାଦବ ଶହୀଦ ସ୍ମାରକୀ ସ୍ଥଳରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ପରିବାରଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

### ବୁର୍ଲା କୋଭିଡ୍ ହସ୍ପିଟାଲ-୧ରେ ଚିକିତ୍ସା ଅବହେଳା

ସମ୍ବଲପୁର,୨୭।୭ (ବ୍ୟୁରୋ): ବୁର୍ଲା କୋଭିଡ୍ ହସ୍ପିଟାଲ-୧ରେ ରୋଗୀଙ୍କୁ ଠିକ ଭାବେ ଚିକିତ୍ସା କରାଯାଉ ନାହିଁ। ସେହିପରି ଭୁଲ ଔଷଧ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ମୃତ୍ୟୁ ସଂଖ୍ୟା ତଥ୍ୟ ଆର୍‌ଟିଆଇରେ ମାଗିଲେ ମିଳୁନାହିଁ। ଏ ନେଇ ଜିଲା ପ୍ରଶାସନ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳିନାହିଁ। ତେଣୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମଙ୍ଗଳବାର ସମ୍ବଲପୁର ପାନ୍ଥ ନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉଦୟ ସାମାଜିକ ୱାର୍କିଂ ଗ୍ରୁପ ସଭାପତି ମଧୁ ମୁଦକ ସୂଚନା ଦେଇଛନ୍ତି। ଆଇନଜୀବୀ ସଞ୍ଜୟ ଚାନ୍ଦ ଓ ନିରୋଜ କୁମାର ପଣ୍ଡା ଉପସ୍ଥିତ ଥିଲେ।

### ହେଲ୍‌ମେଟ୍ ବ୍ୟବହାର ନେଇ ପୋଲିସର ସଚେତନତା

ସମ୍ବଲପୁର,୨୭।୭ (ବ୍ୟୁରୋ): ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ହେଲ୍‌ମେଟ୍ ବ୍ୟବହାର ଉପରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀଟକିଜ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଏସ୍‌ଆଇ ସ୍ୱୀକୃତି ଥିବା ହେଲ୍‌ମେଟ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

### କଲେଜ ପରିସରରେ ଚାରା ରୋପଣ

କୁଚିଣ୍ଡା,୨୭।୭ (ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କହ୍ଲେଇପାଲିସ୍ଥିତ ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡିଲେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷଙ୍କ ସହ ଅଧାପକ ପ୍ରଫୁଲ୍ଲ ପଣ୍ଡା, ସୁବୋଧ କୁମାର ସାହୁ, ଫକୀର ଦଣ୍ଡିଆ, ଦିଲୀପ କୁମାର ନାଏକ, ସୁଧୀର ବାରିକ, ଜୟ ପ୍ରକାଶ ମହାକୁଡ, ରଶ୍ମିବାଳା ଆପଟ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

- ଅନୁପସ୍ଥିତ ରହୁଛନ୍ତି ଡାକ୍ତର
- ଫାର୍ମାସିଷ୍ଟ ପଦବୀ ଖାଲି

ଜମନକିରା, ୨୭।୭ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ସଦର ମହକୁମାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଜଣେ ଏଲୋପାଥିକ ଓ ଅନ୍ୟ ଜଣେ ଆୟୁଷ ଡାକ୍ତର ରହିଛନ୍ତି। ତେବେ କେତେବେଳେ କିଏ ରହୁଛି ତା'ର ଠିକଣା ରହୁନି। ଗତ ୪ଦିନ ହେଲା ଏଲୋପାଥିକ ଡାକ୍ତର ଅନୁପସ୍ଥିତ ଥିବା ଦେଖାଯାଇଛି। ଦୀର୍ଘ ଦେଢ଼ବର୍ଷ ହେବ ଫାର୍ମାସିଷ୍ଟଙ୍କ ବଦଳି ହୋଇଯାଇଥିବା ବେଳେ ଅଦ୍ୟାବଧି ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଜଣେ ଆଟେଣ୍ଡାଣ୍ଟ ଅବସର ନେଲା ପରେ ତାଙ୍କ ପଦବୀ ଖାଲି ରହିଛି।

ଭୌଗୋଳିକ ଦୃଷ୍ଟି କୋଣରୁ ଜମନକିରା ସମ୍ବଲପୁର ଜିଲାର ଏକ ବୃହତ୍ତର ବ୍ଲକ୍ ହୋଇଥିବା ବେଳେ ଏହା ମଧ୍ୟଦେଇ ୬ନଂ. ଜାତୀୟ ରାଜପଥ ଅତିକ୍ରମ କରିଛି। ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଯାନବାହନ ଉକ୍ତ ରାସ୍ତାଦେଇ ଯାତାୟାତ କରୁଛି। ଏଥିସହ ଏଠାରୁ କୁଚିଣ୍ଡା, ବାମରା, ଝାରସୁଗୁଡ଼ା,



ଜମନକିରା ସ୍ୱାସ୍ଥ୍ୟକେନ୍ଦ୍ର।

ରାଉରକେଲା, ସୁନ୍ଦରଗଡ଼ ଆଦି ସ୍ଥାନକୁ ରାସ୍ତା ଲମ୍ବିଛି। ଏଠାରେ ଅନେକ ସରକାରୀ କାର୍ଯ୍ୟାଳୟ ଥିବାରୁ ଲୋକଙ୍କ ସମାଗମ ହୋଇଥାଏ। ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଲୋକମାନେ ଏଠାକୁ ଯା'ଆସ କରିଥାନ୍ତି। ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଥିବାବେଳେ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସନ୍ତି। ସୌଭାଗ୍ୟବଶତଃ ଯଦି ଡାକ୍ତର ଥିବେ ସେମାନେ ଚିକିତ୍ସା ସେବା ପାଆନ୍ତି। ନଚେତ କୁଚିଣ୍ଡା, ସମ୍ବଲପୁର କିମ୍ବା ବୁର୍ଲା ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହା ଭିତରେ ପ୍ରାୟ ୨ବର୍ଷ ହେବ ଲୋକେ ଏହି ଡାକ୍ତରଖାନାକୁ ଏରିଆ ହସ୍ପିଟାଲ କିମ୍ବା ସିଏଚ୍‌ସି କରିବାକୁ ଦାବି କରିଆସୁଛନ୍ତି। ପୁଣି ଡାକ୍ତରଖାନା ଚାରିପାଖରେ ପାଚେରି ନ ଥିବାରୁ ଅନେକ ସମୟରେ ଏହା ପରିସରରେ ଗୋରୁ କିମ୍ବା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଆଗାମୀ ଦିନରେ ଏସବୁ ସମସ୍ୟା ସମାଧାନ କରା ନ ଗଲେ ଗଣଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଫାଶିମାଲ ସିଏଚ୍‌ସି ଚିକିତ୍ସାଧିକାରୀ ଡା. ଶରତଚନ୍ଦ୍ର ଦେହୁରିଙ୍କୁ ଯୋଗାଯୋଗ କରିବାରୁ ସେ ଡାକ୍ତର ଛୁଟିରେ ଥିବା ବିଷୟରେ ଜାଣି ନ ଥିବା କହିଥିଲେ। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶୀଭୂଷଣ ପଟେଲଙ୍କୁ ପଚାରିବାରୁ ଡାକ୍ତର ଛୁଟିରେ ଯାଇଥିବା କଥା ସେ ଜାଣି ନ ଥିବା କହିଥିବା ବେଳେ ଫାର୍ମାସିଷ୍ଟ ପଦ ପୂରଣ ପାଇଁ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଭିଜିଲାନ୍ସ ଟିମ୍ ଦିଲୀପଙ୍କ ଘରେ କାଗଜପତ୍ର ଯାଞ୍ଚ କରୁଛି।

ସମ୍ବଲପୁର,୨୭।୭(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଜିଲା ଧନକଉଡା ବ୍ଲକର କିରାଣି ଦିଲୀପ କୁମାର ଦେଓଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢାଉ ହୋଇଛି। ଏକସମୟରେ ସାକ୍ଷୀପଡାସ୍ଥିତ ତାଙ୍କ ବାସଭବନ ଓ ଧନକଉଡା ଅଫିସରେ ଚଢାଉ ହୋଇଥିଲା। ସାକ୍ଷୀପଡାରେ ୪୯ ଲକ୍ଷର କୋଠା, ୧୯ ଲକ୍ଷ ୩ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର, ୮ ଲକ୍ଷର ଏକ କାର୍, ବିଭିନ୍ନ ବ୍ୟାଙ୍କରେ ୨ ଲକ୍ଷ ୪୩ ହଜାର ଜମା, ୧୯ ହଜାର ୫୮୦ ନଗଦ ଟଙ୍କା ମିଳିଥିଲା। ସ୍ଥାବର ଓ ଅସ୍ଥାବର ମୋଟ ୭୮ ଲକ୍ଷ ୭୯ ହଜାର ୫୪୦ ଟଙ୍କା ଓ ବିଭିନ୍ନ ବୀମା ବାବଦରେ ୬ ଲକ୍ଷ ୪୧ ହଜାର ୧୫୦ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ଆୟ ବହିର୍ଭୁତ ସମ୍ପତ୍ତି ଥିବା ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଚଢାଉ ସମୟରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ସମ୍ପତ୍ତି ଜବତ କରାଯାଇଛି। ଆଗକୁ ତଦନ୍ତ ଜାରି ରହିବ।

# ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ କଲେ ଭାଇ

ବ୍ରଜରାଜନଗର,୨୭।୭ (ଡି.ଏନ.ଏ.)

ବ୍ରଜରାଜନଗର ଥାନା ବୁଦ୍ଧିଆ କଲୋନୀର ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ହେଲେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ବଟକୃଷ୍ଣ ପରିଡା ଲିଖିତ ଅଭିଯୋଗ କରିଛନ୍ତି। ଏହା ଆଧାରରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ମୃତା ମହିଳାଙ୍କ ସ୍ୱାମୀ ତାରକେଶ୍ୱର ଦାସ (୩୧)ଙ୍କୁ ଅଟକ ରଖିଛି। ଅଭିଯୋଗକ୍ରମେ, ମୟୁରଭଞ୍ଜ ଜିଲା ବାରିପଦା ସଦର ଥାନା ଭଞ୍ଜପୁରର ଦିପିକା ପରିଡା ୨୬ ଜୁନ, ୨୦୨୦ରେ ବୁଦ୍ଧିଆ କଲୋନୀର ତାରକେଶ୍ୱରଙ୍କୁ ବିବାହ କରିଥିଲେ। ସେ ସମୟରେ ଜିନିଷପତ୍ର ବାବଦକୁ ୬ ଲକ୍ଷ ଓ ବାଟଖର୍ଚ୍ଚ ୧ ଲକ୍ଷ ଟଙ୍କା ଦିଆଯାଇଥିଲା। ବିବାହର ଏକମାସ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ଦିପିକାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଆଉ ୪ ଲକ୍ଷ ଟଙ୍କା ଆଣିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଭଉଣୀ ଦିପିକା ଗର୍ଭବତୀ ହେବା ପରେ ପରିସ୍ଥିତି ସୁଧୁରିଯିବ ବୋଲି ବଟକୃଷ୍ଣ ଭାବିଥିଲେ। ଏପରିସ୍ଥଳେ ୨୬ ତାରିଖ ସନ୍ଧ୍ୟାରେ ତାଙ୍କ ଭଉଣୀ ମରି ଯାଇଥିବା ଖବର ଆସିଥିଲା। ସେ ଆତ୍ମହତ୍ୟା କରିନାହିଁ। ତାଙ୍କୁ ମାଡ଼ ମରାଯାଇ ଗଳା ଚିପି ହତ୍ୟା କରାଯାଇଛି। ପୋଲିସ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରୁ ବୋଲି ବଟକୃଷ୍ଣ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ବୈକୁଣ୍ଠ ବିହାରୀ ସେଠ ପ୍ରକାଶ କରିଛନ୍ତି।

# ଆଦିତ୍ୟ ଆଲୁମିନିୟମର ଉନ୍ନୟନମୂଳକ କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୭ (ବ୍ୟୁରୋ)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ନିଶାନଭଙ୍ଗା ପଞ୍ଚାୟତ ପଣ୍ଡଲୋଇ କଲୋନୀବାସୀଙ୍କ ନିମନ୍ତେ କଂକ୍ରିଟ ରାସ୍ତାର ଶିଳାନ୍ୟାସ, ମହିଳାଙ୍କ ସକାଶେ ସିଲେଇ ତାଲିମ କେନ୍ଦ୍ର ଓ ଅତ୍ୟାଧୁନିକ ଗୋଷ୍ଠୀ କେନ୍ଦ୍ର ଶୁଭାରମ୍ଭ କରାଯାଇଛି। କଲୋନୀର ପ୍ରତ୍ୟେକ ରାସ୍ତା କଂକ୍ରିଟ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚୀତ କରାଯାଇଛି। କମ୍ପାନୀ ମାନବସମ୍ବଳ ମୁଖ୍ୟ ଡ. ବିବେକାନନ୍ଦ ମିଶ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଆତ୍ମନିର୍ଭରଶୀଳ ପ୍ରତିଷ୍ଠାନ ମୁଖ୍ୟ ସୌରଭ ରାୟ, ରେଙ୍ଗାଲି ବ୍ଲକ ପୂର୍ବତନ ଉପାଧକ୍ଷ କିରନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ସହ ପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଲୁଟ୍ ଘଟଣାରେ ବିକାଶ ମୁଣ୍ଡା ରାୟପୁରରୁ ଗିରଫ

ସମ୍ବଲପୁର,୨୭।୭(ବ୍ୟୁରୋ)

**ଏନ୍‌କାଉଣ୍ଟର ଭୟରେ ଲୁଚିଥିବା ବୟାନ**

ଶାସନ ଥାନା ଅଧିକାରୀ ଲୋକନାଥ ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍ ସମ୍ବଲପୁର ଜିଲାର କୁଖ୍ୟାତ ଅପରାଧୀ ବିକାଶ ମୁଣ୍ଡାଙ୍କୁ ରାୟପୁରର ଅମଲେଇରୁ ଗିରଫ କରିଛି। ତାଙ୍କ ସହ ଅନ୍ୟତମ ଅଭିଯୁକ୍ତ ଆକାଶ ଦେବଗନ (ସୋନୁ)ଙ୍କୁ ମଧ୍ୟ ଗିରଫ କରାଯାଇଛି। ମଙ୍ଗଳବାର ଏମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ଓଆର୧୫ଟି-୦୦୧୦ ଓ ଓଆର୧୫-ଏନ-୬୯୬୭ନଂ ବାଇକ୍ ଜବତ ହୋଇଛି। ବିକାଶ ଗିରଫ ପରେ ଏନ୍‌କାଉଣ୍ଟର ଭୟରେ ଜିଲା ଛାଡି ବାହାରକୁ ଚାଲିଯାଇଥିବା ପୋଲିସକୁ ବୟାନ ଦେଇଛନ୍ତି। ଅଭିଯୋଗ କ୍ରମେ ଜୁନ ୬ରେ ଚର୍ଚ୍ଚ ଛକର ସୋନୁ ବେହେରା ତାଙ୍କ ସାଙ୍ଗ ସହିତ ଶାସନ ଥାନା ଡାଇକ ରାସ୍ତା ଦେଇ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବିକାଶ, ଆକାଶ, ରାଜେଶ ମୁଣ୍ଡା ଓ ଦିପକ କୁମାର ରାସ୍ତାରେ ବନ୍ଧୁକ ଦେଖାଇ ୪ ହଜାର ୭ ଶହ ଟଙ୍କା ଲୁଟିନେଇଥିଲେ।



ଗିରଫ ବିକାଶ ମୁଣ୍ଡା।

ପୋଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୋଗ ଉପରେ ପୋଲିସ ତଦନ୍ତ କରି ୨୭ ଜୁନରେ ଅଭିଯୁକ୍ତ ଦୀପକ ଓ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ବିକାଶଙ୍କ ନାମରେ ବିଭିନ୍ନ ଥାନାରେ ମାରପିଟ, ଦାଦାବଟି ଆଦାୟ, ଅସ୍ତ୍ରଶସ୍ତ୍ର ଆଇନ ସହିତ ଜାତୀୟ ନିରାପତ୍ତା ଆଇନ (ଏନଏସଏ) ଲଗାଯାଇଥିଲା ।

# ସୌରଚାଳିତ ଶୀତଳଭଣ୍ଡାର ଉଦ୍‌ଘାଟିତ

ସମ୍ବଲପୁର,୨୭।୭ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଟାମ୍ପରଗଡ ପଞ୍ଚାୟତ ରେଙ୍ଗାଲକାନୀ ଗ୍ରାମରେ ସୌରଚାଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ ହୋଇଯାଇଛି। ଯୁଯୁମୁରା ବ୍ଲକରେ ଏହା ଦ୍ୱିତୀୟ ଶୀତଳ ଭଣ୍ଡାର। ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେଲ୍‌କୋ ଫାଉଣ୍ଡେଶନ ନିର୍ଦ୍ଦେଶକ ହୁଦା ଜାଫର, ପ୍ରୋଗ୍ରାମ ମ୍ୟାନେଜର ଅସୀତ ପୁରୋହିତ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଚାଷୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ସେମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ଏହି ଶୀତଳ ଭଣ୍ଡାରରେ ରଖି ବଜାର ଚାହିଦା ଅନୁସାରେ ବିକ୍ରି କରିପାରିବେ। ଫଳରେ ସେମାନଙ୍କୁ ଉଚିତ ମୂଲ୍ୟ ମିଳିପାରିବ।



ଶୀତଳଭଣ୍ଡାର ଉଦଘାଟନୀ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ବଜାରରେ ବିକ୍ରି ନ ହେଲେ ମଧ୍ୟ ଚାଷୀମାନେ ଏଠି ରଖିପାରିବେ। ଏହି ଶୀତଳ ଭଣ୍ଡାରରେ ଟାମ୍ପରଗଡ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ସେଲ୍‌କୋ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ଟାମ୍ପରଗଡ ସରପଞ୍ଚ ରତ୍ନାବତୀ ବେହେରା, ଡଙ୍ଗରପଡା ସରପଞ୍ଚ ସକୁନ୍ତଳା ବଡ଼େଇ, କବରାପାଲି ସରପଞ୍ଚ ତିଳୋତ୍ତମା ବାଗ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର,୨୭।୭ (ବ୍ୟୁରୋ)

୪୯ତମ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ମଙ୍ଗଳବାର ସମ୍ବଲପୁର ରେଳ ମଣ୍ଡଳ ଅଫିସଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଅଧକ୍ଷତା କରି କମିଟି ସଦସ୍ୟଙ୍କ ପରାମର୍ଶ ବିଷୟରେ ଆଲୋଚନା କରିଥିଲେ। ଏଥିସହ ସମ୍ବଲପୁର ଓ ଟିଟିଲାଗଡ ଷ୍ଟେଶନରେ ଯାତ୍ରୀମାନଙ୍କ ଲାଗି କରାଯାଇଥିବା ଅତ୍ୟାଧୁନିକ ସୁବିଧା ବିଷୟରେ ସୂଚନା ଦେଇଥିଲେ। ବୈଠକରେ ପରାମର୍ଶଦାତା କମିଟି ସଦସ୍ୟ ଲିପସିତ ମିଶ୍ର, ଅରୁଣ କୁମାର ମୁଖାର୍ଜୀ, ସରୋଜ କୁମାର ପରିଡା, ବିକ୍ରମାନନ୍ଦ ବହିଦାର, ସତ୍ୟନାରାୟଣ ବହିଦାର, ରଶ୍ମିରଞ୍ଜନ ମହାପାତ୍ର, ବିଶ୍ୱଜିତ ଦାଶ, ତ୍ରିପୁରାରି ପାଣିଗ୍ରାହୀ, ଜ୍ଞାନେଶ୍ୱର ସିଂ ଗୌତମ, ସୋମନାଥ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଭର୍ଚୁଆଲରେ କମିଟି ସଦସ୍ୟ ସାମିଲ ଥିଲେ।

# ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ନାମରେ ବୋହୂଙ୍କ ନିର୍ଯାତନା ଅଭିଯୋଗ

ଝାରସୁଗୁଡ଼ା ଅଫିସ,୨୭।୭

ବେଲପାହାଡ ସହର ଗୁମାଡେରା ଜାହାଜପଡା ନିବାସୀ ପୁରନ୍ଦର ବନଛୋରଙ୍କ ଝିଅ ସୋନିଆ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ନାମରେ ଯୌତୁକ ନିର୍ଯାତନା ନେଇ ବେଲପାହାଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଥାନା କେସ୍ ନଂ(୧୫୦/୨୧)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗକ୍ରମେ ଗତ ଡିସେମ୍ବରରେ ସୋନିଆ ଛତିଶଗଡ ଡୁଙ୍ଗୁରୀପାଲି ଗ୍ରାମର କାଶୀରାମ ସାଗରଙ୍କ ସାନପୁଅ ଦିଲୀପଙ୍କୁ ବିବାହ କରିଥିଲେ। ସେ ସମୟରେ ପୁଅଘର ଦାବି ଅନୁଯାୟୀ ଯୌତୁକ ଦିଆଯାଇଥିଲା। ପରେ ଶ୍ୱଶୁରଘର ଲୋକେ ଅଧିକ ୩ଲକ୍ଷ ଟଙ୍କା ଦାବିକରି ସୋନିଆଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ସୋନିଆଙ୍କ ବାପଘର ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ୩ଲକ୍ଷ ଟଙ୍କା ଦେବା ସମ୍ଭବ ହୋଇ ନ ଥିଲା। ପୁରନ୍ଦର ଏ ନେଇ ଝିଅର ଶାଶୁ, ଶ୍ୱଶୁରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। ପୂର୍ବଭଳି ସୋନିଆଙ୍କୁ ନିର୍ଯାତନା ଦିଆଯାଉଥିଲା। ଏପରି କି ଗତ ୧ତାରିଖରେ କିରୋସିନ ଢାଳି ପୋଡିଦେବାକୁ ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ବୋହୂଙ୍କୁ ଘରୁ ବାହାର କରିଦେଇଥିଲେ। ନିର୍ଯାତନା ସହି ନ ପାରି ସୋନିଆ ବାପ ଘରକୁ ଚାଲିଆସିଥିଲେ।

# ସମ୍ବଲପୁର ରକ୍ତଭଣ୍ଡାରରେ ସାନିଟାଇଜର ମେଶିନ ଶୁଭାରମ୍ଭ

ସମ୍ବଲପୁର,୨୭।୭ (ବ୍ୟୁରୋ)

କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିବା ଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ହୀରାକୁଦ ଲାୟନ୍ସ କ୍ଲବ ଅଫ୍ ରୟାଲ ପକ୍ଷରୁ ସମ୍ବଲପୁର ମୁଖ୍ୟ ଡାକ୍ତରଖାନା ପରିସର ରକ୍ତ ଭଣ୍ଡାରଠାରେ ସାନିଟାଇଜର ମେଶିନ ଶୁଭାରମ୍ଭ କରାଯାଇଛି। କ୍ଲବ ସଭାପତି କାର୍ତ୍ତିକ କଲେତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶିଭୂଷଣ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. କଳପେଶ କକ୍କଡ, ସାମାଜିକ କର୍ମୀ ଅମର ତାଣ୍ଡିଆ, ସଞ୍ଜୁ କଂସାରୀ, ସରୋଜ ଆଚାର୍ଯ୍ୟ, ବିଲାସିନୀ ନାୟକ, ମଞ୍ଜୁ ଓରାମ ପ୍ରମୁଖ ସାମିଲ ଥିଲେ।

# ଥାନା ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର,୨୭।୭(ବ୍ୟୁରୋ)

ସମ୍ବଲପୁର ଜିଲା ଟାଉନ ଥାନା ସମ୍ମୁଖରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଜଣେ ଯୁବକଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ପ୍ରେମିକାଙ୍କ ପ୍ରତାରଣା ଓ ପୋଲିସ ସହଯୋଗ କରୁ ନ ଥିବା ଅଭିଯୋଗରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଲେ କ୍ଷେତରାଜପୁର ଥାନା ବଡବଜାରର ନବୀନ ଶର୍ମା। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାପଡିଛି। ନବୀନ କହିଛନ୍ତି, ଜଣେ କନଷ୍ଟେବଲଙ୍କ ସହ ତାଙ୍କର ୨୦୧୦ରୁ ସମ୍ପର୍କ ରହିଥିଲା। ଏବେ କନଷ୍ଟେବଲ



ଆତ୍ମହତ୍ୟା ଉଦ୍ୟମ କରିଥିବା ନବୀନ।

ଜଣକ ପ୍ରତାରଣ କରୁଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ମଧ୍ୟ ପୋଲିସ ଶୁଣିଲା ନାହିଁ। ତେଣୁ ଥାନା ସମ୍ମୁଖରେ ପୋଲିସ ଉପସ୍ଥିତିରେ ସେ ବିଷପିଇ ଆତ୍ମହତ୍ୟା ପ୍ରୟାସ କରିଥିଲେ। ଅନ୍ୟପଟେ ଏ ନେଇ କୌଣସି ମାମଲା ହୋଇ ନ ଥିବା ପୋଲିସ କହିଛି।

# ପୁନର୍ବାର ଚୟନ ହେବେ ଆଶାକର୍ମୀ

ଝାରସୁଗୁଡ଼ା ଅଫିସ,୨୭।୭

**ତଦନ୍ତରୁ ସ୍ପଷ୍ଟ ହେଲା ଅନିୟମିତତା**

ଲଖନପୁର ବ୍ଲକ୍ ଦଲଗାଁ ପଞ୍ଚାୟତ ଦଲଗାଁ ଅଙ୍ଗନୱାଡ଼ି (ଖ) କେନ୍ଦ୍ରର ଆଶାକର୍ମୀ ଚୟନରେ ଅନିୟମିତତା ହୋଇଥିବା ନେଇ ଆଶାୟୀ ପ୍ରାର୍ଥୀ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏହାର ବିଭାଗୀୟ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଏଥିରେ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି। ଫଳରେ ଏହାକୁ ବାତିଲ୍ କରାଯାଇ ପୁନର୍ବାର ଚୟନ କରାଯିବ ବୋଲି ସିଡିଏମ୍‌ଓ ଡା. ଲାଲ୍‌ମୋହନ ରାଉତରାୟ କହିଛନ୍ତି।

ସୂଚନା ଅନୁଯାୟୀ ଗତମାସ ୧୫ତାରିଖରେ ଏଏନ୍‌ଏମ୍ ତରଫରୁ ଦଲଗାଁ ଅଙ୍ଗନୱାଡି କେନ୍ଦ୍ର(ଖ)ରେ ଆଶାକର୍ମୀ ନିଯୁକ୍ତିପାଇଁ ନୋଟିସ୍ ଜାରି ହୋଇଥିଲା। ଏଥିପାଇଁ ୪ଜଣ ପ୍ରାର୍ଥୀ



ନ୍ୟାୟ ପାଇଁ ସିଡିଏମ୍‌ଓଙ୍କ ପାଖକୁ ଆସିଥିବା ଆଶାୟୀ ପ୍ରାର୍ଥୀ।

ଆବେଦନ କରିଥିଲେ। ଚୟନପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠ ନାଥ କଶ୍ୟପଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଥିଲା। ଏହି କମିଟି ଆବେଦନ କରିଥିବା ପ୍ରାର୍ଥୀଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ପ୍ରାର୍ଥୀ ଦୁଶିଲା ନେଗୀଙ୍କ ମାଟ୍ରିକ୍ ସାର୍ଟିଫିକେଟ୍ ନ ଥିବାବେଳେ ଆବେଦନ କରିଥିବା ଫର୍ମ ସମ୍ପୂର୍ଣ୍ଣ ପୂରଣ ହୋଇ ନ ଥିଲା। ପରେ ସେ ସାର୍ଟିଫିକେଟ୍ ଆଣି ଦେଇଥିବାବେଳେ ଅସମ୍ପୂର୍ଣ୍ଣ ଫର୍ମ ସମ୍ପୂର୍ଣ୍ଣ କରିଥିଲେ । ଏହା ଦ୍ୱାରା ନିୟମାବଳୀ ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ଅନ୍ୟ ଅଶାୟୀ ପ୍ରାର୍ଥୀ ବିରୋଧ କରିଥିଲେ। ହେଲେ ସେମାନଙ୍କ କଥା କେହି ଶୁଣି ନ ଥିଲେ। ପରେ ଚୟନକର୍ତ୍ତା ଦୁଶିଲାଙ୍କ ନାମ ଆଶାକର୍ମୀ ପାଇଁ ଘୋଷଣା କରିଥିଲେ। ଏଥିରୁ ବଞ୍ଚିତ ହୋଇଥିବା ଆଶାୟୀ ପ୍ରାର୍ଥୀ ଓ ଗ୍ରାମବାସୀ ସିଡିଏମ୍‌ଓ, ଜିଲାପାଳ ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଡ୍ରଗ୍ସ, ଗଞ୍ଜେଇ କାରବାରରେ ୨ ଗିରଫ

ସୁନ୍ଦରଗଡ,(ଡି.ଏନ.ଏ.): ଡ୍ରଗ୍ସ ଓ ଗଞ୍ଜେଇ କାରବାରରେ ସୁନ୍ଦରଗଡ ଟାଉନ ଥାନା ପୋଲିସ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ସାଢେ ୬ କିଲୋ ଗଞ୍ଜେଇ ଓ ୧.୫୦୦ ମିଲିଗ୍ରାମ ଓଜନର ବ୍ରାଉନ ସୁଗାର, ୧ଟି ମୋବାଇଲ ଫୋନ ଓ ନଗଦ ୧୦ ହଜାର ୨୨୦ ଟଙ୍କା ଜବତ କରାଯାଇଥିବା ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ହେଲେ ମହେଶଡିହିର ସୋନୁ ମହାତୋ(୨୩) ଓ ପତ୍ରାପଡାର ଜଣେ ଯୁବତୀ ଅସୀମା ତାରା ଓରଫ ରାନୀ(୧୮)। ଏଥିସହ ସେମାନଙ୍କ ଠାରୁ ଏକ ବୁଲେଟ ବାଇକ ମଧ୍ୟ ଜବତ ହୋଇଛି।

## ସଂକ୍ଷେପରେ

### ଲ୍ୟାମ୍ପ୍ସ ଜଗୁଆଳିଙ୍କୁ ପିସ୍ତଲ ଦେଖାଇ ଲୁଟ୍

ବଡ଼ଗାଁ,୨୭।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁରେ ଥିବା ସମବାୟ ସମିତି ଲ୍ୟାମ୍ପ୍ସର ଜଗୁଆଳିଙ୍କୁ ସୋମବାର ରାତିରେ କେତେକ ଦୁର୍ବୃତ୍ତ ପିସ୍ତଲ ଦେଖାଇ ବାଇକ୍, ମୋବାଇଲ ଓ ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜଗୁଆଳି ଦୀପକ ପାଣ୍ଡେ ସୋମବାର ରାତି ପ୍ରାୟ ୧୦ଟାରେ ସାହାଜବାହାଲ ବଜାରଛକରୁ ମୋଟରସାଇକେଲରେ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ୨ଟି ବାଇକ୍‌ରେ ୬ଜଣ ଯୁବକ ପହଞ୍ଚି ତାଙ୍କୁ ଅଟକାଇ ଏହି ରାସ୍ତା କୁଆଡ଼େ ଯାଇଛି ପଚାରିବାରୁ ତୁମେ କୁଆଡ଼େ ଯିବାକୁ ଚାହୁଁଛ ପ୍ରଶ୍ନ କରିବାରୁ ଜଣେ ଯୁବକ ଦୀପକଙ୍କ ବାଇକରୁ ଚାବି ବାହାର କରିନେଇଥିଲେ। ଏହା ପରେ ଦୁଇ ଜଣ ଯୁବକ ତାଙ୍କୁ ପିସ୍ତଲ ଦେଖାଇ ବଜାର ରାସ୍ତା ପାର୍ଶ୍ୱକୁ ଟାଣି ନେଇ ମାଡ଼ ମାରିଥିଲେ। ପକେଟରେ ଥିବା ୨୩ଶହ ଟଙ୍କା, ବାଇକ୍, ମୋବାଇଲ ଛଡ଼ାଇନେଇ ଦ୍ରୁତ ଗତିରେ ଏକମା ଗାଁ ପଟକୁ ଫେରାର୍ ହୋଇଯାଇଥିଲେ। ପ୍ରକାଶ ଯେ, ଗତ ୩ମାସ ହେଲା ଅଞ୍ଚଳରେ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସନ୍ଦେହଜନକ ଗତିବିଧିକୁ ନେଇ ସାଧାରଣରେ ଆଲୋଚନା ହେଉଛି।

### ବିରାଟକାୟ ବୋଡା ସାପ ଉଦ୍ଧାର, ଜଙ୍ଗଲରେ ଛାଡ଼ିଲେ ଲୋକେ

ବାଉଁଶୁଣୀ,୨୭।୭(ଡି.ଏନ୍.ଏ.): ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତ ଶୁଆପାବୁଲି ଗ୍ରାମରେ ମଙ୍ଗଳବାର ବିରାଟକାୟ ବୋଡା ସାପ ଦେଖିବାକୁ ମିଳିଥିଲା। ସାପର ଲମ୍ବ ପ୍ରାୟ ୧୦ ଫୁଟରୁ ଅଧିକ ହେବ। ସାପ ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଗାଁ ବସ୍ତି ଆଡକୁ ଚାଲି ଆସିଥିବା ହେତୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଗ୍ରାମର ଯୁବକମାନେ ସାପକୁ ଜଙ୍ଗଲ ଆଡକୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି। ବର୍ଷାଦିନ ଆସି ଯାଇଥିବା ହେତୁ ଅନେକ ଜଙ୍ଗଲ ପାର୍ଶ୍ୱ ଗ୍ରାମଗୁଡିକ ଆଡକୁ ବିଭିନ୍ନ ବିରଳ ପ୍ରଜାତିର ସାପ ଚାଲି ଆସୁଛନ୍ତି। ସାପ କାମୁଡାରେ ଅନେକ ଲୋକ ମୃତାହତ ହେଉଥିବା ବେଳେ ଅନେକ ସାପଙ୍କୁ ଲୋକେ ମାରି ଦେଉଥିବା ଦେଖିବାକୁ ମିଳୁଛି। ବନ ବିଭାଗ ଏ ସମ୍ପର୍କରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଜନସାଧାରଣଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### କାର୍‌ଗିଲ ବିଜୟ ଦିବସରେ ଚାରା ରୋପଣ କାର୍ଯ୍ୟକ୍ରମ

ବାଉଁଶୁଣୀ,୨୭।୭(ଡି.ଏନ.ଏ): ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଡିମିରିପାଲି ଗ୍ରାମରେ କାର୍‌ଗିଲ ବିଜୟ ଦିବସ ଅବସରରେ ଲଭ ଅର୍ଗାନାଇଜେଶନ ବାଉଁଶୁଣୀ ତରଫରୁ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦସ୍ୟମାନଙ୍କ ଦ୍ୱାରା ୨୦ଟି ଚାରା ରୋପଣ କରାଯାଇଥିବାବେଳେ ଆଗକୁ ଅଧିକ ଚାରା ଲଗାଯିବ। ସଂଘକୁ ସୁଦୃଢ କରିବା ପାଇଁ ଅସହାୟଙ୍କୁ ସାହା, ସଚେତନ କାର୍ଯ୍ୟକ୍ରମ କରିବା ସହ ସାମାଜିକ କାମ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଭାପତି ଗୋପାଳ କ୍ରିଷ୍ଣା ଥପା, ସମ୍ପାଦକ କୃଷ୍ଣାପଣ ଦନାୟକ ତଥା ସଙ୍ଗଠନର ସଦସ୍ୟ ରିତେଶ କର୍ଣ୍ଣ, ସୌମ୍ୟରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

# ବିଦ୍ୟୁତ୍ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ସୁନ୍ଦରଗଡ଼, ୨୭।୭(ଡି.ଏନ୍.ଏ.)

ବିଦ୍ୟୁତ୍ ଦରବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ଟାଙ୍ଗରପାଲି ଓ ମଙ୍ଗସପୁର ମଣ୍ଡଳ ଶାଖା ତରଫରୁ ଉଜ୍ଜଳପୁରସ୍ଥିତ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଙ୍ଗରପାଲି ଓ ମଙ୍ଗସପୁର ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି କୋଦଣ୍ଡଧର ପଟେଲଙ୍କ ନେତୃତ୍ୱରେ ଶତାଧିକ ଯୁବ ମୋର୍ଚ୍ଚା କର୍ମୀ ଉଜ୍ଜଳପୁର ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ବିକ୍ଷୋଭ ସଭାରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅମୀୟ କୁମାର ପଟ୍ଟନାୟକ, ଜିଲା ଭାଜପା ସମ୍ପାଦକ ସୁଖଲାଲ ମୁଣ୍ଡା, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ରୁପେଶ ପଟେଲ,



ଭାଜପା କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

ଦୂବରାଜ ନାଏକ, ରୁବିରାଣୀ ନାଏକ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ। ଟାଙ୍ଗରପାଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ଲୋ ଭୋଲଟେଜ୍ ସମସ୍ୟା ଓ ଘନଘନ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ ପିଲାଙ୍କ ଅନଲାଇନ୍ ପାଠପଢା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏଭଳି ସମସ୍ୟାର ସମାଧାନ ପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେଇ ଅହେତୁକ ଭାବେ ବିଦ୍ୟୁତ୍ ଦର ବୃଦ୍ଧି କରିବା ଉପଭୋକ୍ତାଙ୍କ ଉପରେ ବେଡି ଉପରେ କୋରଡା ସଦୃଶ ହୋଇଛି। ଏଣୁ ତୁରନ୍ତ ବିଦ୍ୟୁତ୍ ଦରବୃଦ୍ଧି ପ୍ରତ୍ୟାହାର ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବିକରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଧାନ ବିକ୍ରି ବେଳେ ଚାଷୀ ସମସ୍ୟାରେ ପଡ଼ିବେ

ବଡ଼ଗାଁ,୨୭।୭ (ଡି.ଏନ.ଏ)

**୨୦୧୫ରୁ ଆରମ୍ଭ ହାଇଟେକ୍ ସେଟେଲମେଣ୍ଟ କାମ ଶୂନ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ତହସିଲ ଅଧିନ ରାଜସ୍ୱ ଗ୍ରାମର ଅଧିବାସୀମାନେ କିପରି ସୁବିଧାରେ ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ହାଇଟେକ ସେଟେଲମେଣ୍ଟ ମାଧ୍ୟମରେ ଜମି ପଟ୍ଟା ଦେବା ବ୍ୟବସ୍ଥା ୨୦୧୫ରୁ ସରକାର ଆରମ୍ଭ କରିଛନ୍ତି। କିନ୍ତୁ ୫ ବର୍ଷ ଗଡିଗଲାଣି। ଏ ଯାଏଁ ଏହାର ସୁବିଧା ଲୋକେ ପାଇ ନାହାନ୍ତି। ୨୦୧୯ ଜୁନ ୨୫ରୁ ୨୦୧୯ ଅକ୍ଟୋବର ୧୨ ତାରିଖ ମଧ୍ୟରେ ହାଇଟେକ ସେଟେଲମେଣ୍ଟ କରାଯିବ ନୋଟିସ ଦିଆଯାଇଥିଲେ ମଧ୍ୟ କରାଯାଇ ନ ଥିଲା। ଏହି ବ୍ୟବସ୍ଥାର କାର୍ଯ୍ୟକାରିତାରେ ଦୀର୍ଘ ବର୍ଷ ବିଳମ୍ବ ହୋଇଥିଲା ବେଳେ ବର୍ତ୍ତମାନ ଚାଷୀ ଧାନ ବିକ୍ରି ପାଇଁ ଆବଶ୍ୟକ ଜଟିଳ ପ୍ରକ୍ରିୟା ଯୋଗୁ ବ୍ୟକ୍ତିଗତ ପଟ୍ଟା ନ ଥିବା ଚାଷୀ ଘୋର ହଇରାଣ ହେବେ। ଶିକ୍ଷା, ଲୋନ, ସ୍ୱାସ୍ଥ୍ୟ ଚିକିତ୍ସା ଆଦି ବିଭିନ୍ନ କ୍ଷେତ୍ରରେ ଜମି ପଟ୍ଟାର ଆବଶ୍ୟକତା ଯୋଗୁ ଲୋକେ ନାନାଦି ସମସ୍ୟାରେ ପଡୁଥିବାରୁ ଏବଂ ବର୍ତ୍ତମାନ ଚାଷୀଙ୍କ ଧାନ ବିକ୍ରିରେ ବ୍ୟକ୍ତିଗତ ପଟ୍ଟା କିମ୍ବା ମୃତ ପୂର୍ବଜଙ୍କ ମୃତ୍ୟୁ ପ୍ରମାଣପତ୍ର, ଜମି ଉଗେରରେ ଥିବା ସମସ୍ତଙ୍କ ଠାରୁ ଆପତ୍ତି ବିହିନ ପ୍ରମାଣପତ୍ର ଦରକାର ହେବ। ଫଳରେ ସେଟେଲମେଣ୍ଟ ହୋଇ ନ ଥିବା ଜମିର ଧାନ ବିକ୍ରି ପାଇଁ ଚାଷୀ ହଇରାଣ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ବଡଗାଁ ତହସିଲଦାର ସରୋଜ କୁମାର ପୃଷେଟଙ୍କୁ ପଚାରିବାରେ ହାଇଟେକ ସେଟେଲମେଣ୍ଟ କାମ କରୋନା ମହାମାରୀ ଯୋଗୁ ବିଳମ୍ବ ହୋଇଥିବା କହିଛନ୍ତି।

# ସମାଧାନ ପାଇଁ ଚିଠି ଲେଖିଲେ ଜୁଏଲ

ରାଉରକେଲା ଅଫିସ୍,୨୭।୭

**ଏଫ୍‌ଏମ୍ ରେଡିଓ ସେବା, ଆଇନ ଛାତ୍ରୀଛାତ୍ରଙ୍କ ସମସ୍ୟା ପ୍ରସଙ୍ଗ**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ନିଜ ନିର୍ବାଚନ ମଣ୍ଡଳୀ ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଓରାମ କେନ୍ଦ୍ରମନ୍ତ୍ରୀ ଠାକୁରଙ୍କୁ ଜଣାଇଛନ୍ତି, ଆଦିବାସୀ ଅଧୁଷିତ ସୁନ୍ଦରଗଡ ଜିଲାର ଅନେକ ଅପହଞ୍ଚ ଇଲାକା ଏଫ୍‌ଏମ୍ ରେଡିଓ ସେବାରୁ ବଞ୍ଚିତ। ବଣାଇ ପରି ଏକ ସବ୍‌ଡିଭିଜନ ମୁଖ୍ୟାଳୟରେ ପ୍ରସାର ଭାରତୀର ସୁବିଧା ଥାଇ ମଧ୍ୟ ଏଫ୍‌ଏମ୍ ରେଡିଓ ସୁବିଧା ନାହିଁ। ତେଣୁ ଦୂରଦର୍ଶନର ରିଲେ ସେଣ୍ଟରରେ ଏଫ୍‌ଏମ୍ ରେଡିଓ ସେବା ପାଇଁ ଏକ ୧୦୦ ୱାଟ ଟ୍ରାନ୍ସମିଟର ବସାଇଲେ ବଣାଇବାସୀ ଉପକୃତ ହୋଇପାରନ୍ତେ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଏମ୍‌ପି ଓରାମ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ରାଉରକେଲା ଆଇନ ମହାବିଦ୍ୟାଳୟର ୫ମ ସେମିଷ୍ଟାରର ୮୦ଜଣ ବିଦ୍ୟାର୍ଥୀଙ୍କ ପରୀକ୍ଷା ଜନିତ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଏମ୍‌ପି ଓରାମ କୁଳପତିଙ୍କୁ ଜଣାଇଛନ୍ତି। ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ସେମାନଙ୍କ ୬ଷ୍ଠ ସେମିଷ୍ଟାର ଫର୍ମ ପୂରଣ ପୂର୍ବରୁ 'ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଲ'ର ୨୪ତମ ପେପରକୁ ଅନ୍‌ଲାଇନ ପରୀକ୍ଷା କରାଇପାରିଲେ ସମସ୍ୟାର ସମାଧାନ ହୋଇଯିବ ବୋଲି ଓରାମ ଚିଠିରେ ଉଲ୍ଲେଖ କରିଥିବା ଭାଜପା ମୁଖପାତ୍ର ଭଗବାନ ରାଉତ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ବେଧଡ଼କ ଚାଲିଛି ଦେଶୀମଦ କାରବାର

କୁତ୍ରା,୨୭।୭(ଡି.ଏନ.ଏ)

କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବୁଡାକଟା ଗ୍ରାମରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଆସୁଛି। ବିଭାଗ ପକ୍ଷରୁ ନାମକୁ ମାତ୍ର ଚଢ଼ାଉ କରାଯାଉଛି। ମଦ, ପୋଚ ଓ ଅନ୍ୟାନ ଜିନିଷ ଜବତ କରାଯାଉଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ହେଉଛି। ମାତ୍ର ମଦ ବିକ୍ରି ବନ୍ଦ ହେଉନାହିଁ। ଜଣେ ପରେ ଆଉ ଜଣେ ମଦ ବିକୁଛନ୍ତି। ଯେଉଁମାନେ ଗିରଫ ହେଉଛନ୍ତି, ସେମାନେ ଜାମିନ୍‌ରେ ଆସି ପୁଣି ମଦକାରବାର ଚଳାଉଛନ୍ତି। ମଦ ବେପାର ଅବ୍ୟାହତ ରହୁଛି। ଅବକାରୀ ବିଭାଗ ଓ ପୋଲିସର କାର୍ଯ୍ୟାନୁଷ୍ଠାନରେ ତାଳମେଳ ନାହିଁ। ଏଥିପାଇଁ ମଦ କାରବାର ବଢିଚାଲିଛି। ଉଚ୍ଚ ଅଧିକାରୀମାନେ ଏଦିଗରେ ଦୃଷ୍ଟି ଦେବେ ବୋଲି ବୁଡ଼ାକଟା ଅଞ୍ଚଳର ଯୁବ ଗୋଷ୍ଠୀ ଦାବି କରୁଛନ୍ତି। ଗ୍ରାମର ଯୁବ ଗୋଷ୍ଠୀ ଦର୍ଶାଇଛନ୍ତି ଯେ ପ୍ରାୟ ୫ବର୍ଷ ତଳେ ମଦ ପାଉଚ ଯୋଗାଣକାରୀଙ୍କୁ ଅଟକ ରଖି ପୋଲିସ ଓ ଅବକାରୀ ବିଭାଗ ଅଧିକାରୀଙ୍କ ସମ୍ମୁଖରେ ମଦ ବେପାରି ତଣ୍ଡ ଦେଇଥିଲା ଏବଂ ବୁଡ଼ାକଟା ଗ୍ରାମରେ ଆଉ କେବେ ମଦ ବିକ୍ରି ହେବ ନାହିଁ ବୋଲି ଅବକାରୀ ବିଭାଗ ଲିଖିତ ଆକାରରେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ସମ୍ବଳିତ ଲେଖା ପ୍ରଦାନ କରିଥିଲେ। ତେବେ ଏହା ସତ୍ତ୍ୱେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମଦ ବ୍ୟବସାୟୀ ପୁଣି ସକ୍ରିୟ ହେଲେଣି ବୋଲି ଅଭିଯୋଗ କରୁଛନ୍ତି ବୁଡ଼ାକଟାର ଯୁବ ଗୋଷ୍ଠୀ। ସମଗ୍ର କୁତ୍ରା ବ୍ଲକରେ ବେଶ କିଛିଦିନ ଧରି ମହିଳା ସଙ୍ଗଠନଗୁଡିକ ମଦ ବିରୋଧୀ ଆନ୍ଦୋଳନ ଆରମ୍ଭ କରିଥିବାବେଳେ କରୋନା ଜନିତ କାରଣରୁ ଆନ୍ଦୋଳନ ଧିମା ପଡିଥିଲା। ଏହାର ଫାଇଦା ନେଇ ଗାଁ ଗାଁରେ ମଦ ବେପାରୀ ସକ୍ରିୟ ହୋଇ ପଡିଛନ୍ତି। ଅବକାରୀର ବିଭାଗର ଭୂମିକା ମଧ୍ୟ ବେପାରୀଙ୍କୁ ସୁହାଉଛି। ଅନ୍ୟ ପକ୍ଷରେ ଖଡକୁରବାହାଲ, ବଡ଼ମାଲ, ପଞ୍ଚରା, ଲଟାଲଗା, ଗଙ୍ଗାଜଳ ଗ୍ରାମରେ ମଦ କାରବାର ଚାଲୁଛି ବୋଲି ଜଣାପଡ଼ିଛି।

# ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି


ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଦେବଗଡ଼,୨୭।୭(ଡି.ଏନ.ଏ.)

**କିଡ୍‌ନୀ ରୋଗୀଙ୍କ ପାଇଁ ଡାଇଲିସିସ ଓ ଔଷଧ ବ୍ୟବସ୍ଥା ହେଉ**

ଦେବଗଡ଼ ଜିଲାରେ କିଡନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ମୁଖ୍ୟ ଚିକିତ୍ସାଳୟରେ ଡାଇଲିସିସ ବ୍ୟବସ୍ଥା ନ ଥିବାରୁ ଚିକିତ୍ସା ନିମନ୍ତେ ରୋଗୀମାନଙ୍କୁ ବାହାରକୁ ଯିବାକୁ ପଡୁଛି। ଅନ୍ୟପକ୍ଷରେ କିଡନୀ ରୋଗର ଔଷଧର ଦାମ ବାହାରେ ଅଧିକ ରହୁଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଔଷଧ ବିତରଣ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଇଲିସିସ ବ୍ୟବସ୍ଥା କରିବା ଏବଂ କିଡନୀ ରୋଗୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବାକୁ ଦେବଗଡ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, ପ୍ରକାଶ କୁମାର ଆଚାର୍ଯ୍ୟ, ବିରଞ୍ଚି ନାରାୟଣ ନନ୍ଦ, ଶିବା ମୁଖି, ତ୍ରିନାଥ ଦାଶ, ରଞ୍ଜିତ ମୁଖି ଚନ୍ଦନ ବେହେରା, ବିମଲ ସାହୁ ଓ ଶମ୍ଭୁ ପ୍ରଧାନ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ଏମର୍ମରେ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋଜ ଉପାଦ୍ଧାୟଙ୍କୁ ପ୍ରଦାନ କରିଥିଲେ। ସେହିପରି ଯଥାଶୀଘ୍ର ଦାବୀ ପୂରଣ କରା ନ ଗଲେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି। ଆଲୋଚନା ସମୟରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ଉପାଧ୍ୟାୟ ଡାଇଲିସିସ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବ। ଦର୍ଶାଇ ଆଗାମୀ ୧୫ ଦିନ ମଧ୍ୟରେ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ପ୍ରଶାସନ ଉପସ୍ଥିତିରେ ଗ୍ୟାସ ପାଇପ ଲାଇନ ବିଛା କାମ ଆରମ୍ଭ

ରାଜଗାଙ୍ଗପୁର,୨୭।୭ (ଡି.ଏନ.ଏ)

ମଙ୍ଗଳବାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଡୁଡୁକାବାହାଲର ଯାତ୍ରାପଡା ଗ୍ରାମରେ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଗେଲ କମ୍ପାନୀର ଗ୍ୟାସ ପାଇପ ଲାଇନ ବିଛାଣ କାମ ଆରମ୍ଭ ହୋଇଛି। ଏହି କାମ ଆରମ୍ଭ ହେବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଜିଲା ପୋଲିସ ପ୍ରଶାସନ ଅଧିକାରୀଙ୍କ ସହ ୮ ପ୍ଲାଟୁନ ଫୋର୍ସ ଉକ୍ତ ଅଞ୍ଚଳରେ ମୁତୟନ କରାଯାଇଥିଲା। ଏଥିସହ ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରା, ସ୍ଥାନୀୟ ତହସିଲଦାର ଶରତ ବାଗ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାଏକ, ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ରହି ଗ୍ୟାସ ପାଇପ ଲାଇନ


ପ୍ରଶାସନିକ ଅଧିକାରୀଙ୍କ ସହ ଲୋକମାନେ ଆଲୋଚନା କରୁଛନ୍ତି।

ଖୋଳାଖୋଳି କାମ ଆରମ୍ଭ ହୋଇଥିଲା। କୌଣସି ଅପ୍ରିତିକର ପରିସ୍ଥିତି ଉପୁଜି ନ ଥିଲା। ପ୍ରକାଶଯୋଗ୍ୟ ଯେ, ଯେଉଁ ଜମି ତଳ ଦେଇ ଏହି ଗ୍ୟାସ ପାଇପ ଲାଇନ ଯିବ ସେହି ଜମି ଉପରେ ପୋଖରୀ, କୂଅ କିମ୍ବା ଘର ତିଆରି ହୋଇପାରିବ ନାହିଁ। ତେଣୁ ଉକ୍ତ ଅଞ୍ଚଳର ଖାତା ରୟତଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା।

# ଯୌତୁକ ନିର୍ଯାତନା ମାମଲା: ଜେଲଗଲେ ସ୍ୱାମୀ

ଲୋଇସିଂହା,୨୭।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବିନ୍ଧାପାଲି ଗ୍ରାମର ବିବାହିତା ମହିଳା ଅମ୍ୱୋବତୀ ନାଏକ ଯୌତୁକ ନିର୍ଯାତନା ନେଇ ଗତ ୨୩ ତାରିଖରେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ପୀଡିତାଙ୍କ ସ୍ୱାମୀ ମନୋଜ ନାଏକଙ୍କୁ ବରଗଡ ଜିଲା ପର୍ଥଲା ଗ୍ରାମରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲୋଇସିଂହା ଥାନା ଆଇଆଇସିରମାକାନ୍ତ ଜେନା ପ୍ରକାଶ କରିଛନ୍ତି।

# ଭିଆଇପି ଲେନ୍‌ରେ ଡ୍ରେନ ନାହିଁ

ସମ୍ବଲପୁର,୨୭।୭ (ବ୍ୟୁରୋ)

ମ୍ୟୁନିସିପାଲିଟି ଛକରୁ ସିଭିଲ କୋର୍ଟ ପର୍ଯ୍ୟନ୍ତ ରାସ୍ତାକୁ ସମ୍ବଲପୁରବାସୀ ଭିଆଇପି ଲେନ୍ କହିଥାନ୍ତି। କିନ୍ତୁ ପରିତାପର ବିଷୟ ଯେ, ଏହି ଲେନ୍‌ରେ ଡ୍ରେନ ବ୍ୟବସ୍ଥା ନାହିଁ। ଯଦ୍ୱାରା ବର୍ଷା ପାଣି ରାସ୍ତାରେ ଲହଡି ଭାଙ୍ଗୁଛି। ଏହି ରାସ୍ତାରେ ଥିବା ଡିଆର୍‌ଡିଏ ଅଫିସ, ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ଆବାସିକ ଅଫିସ, ଜିଲାପାଳଙ୍କ ଅଫିସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ, ଆକାଶବାଣୀ ସମ୍ବଲପୁର, ଜିଲା ମୁଖ୍ୟ ଆରକ୍ଷୀ ଅଧିକ୍ଷକ ଅଫିସ ସମ୍ମୁଖରେ ବର୍ଷା ପାଣି ଜମି ରହୁଛି। ବିପରୀତ ପଟରୁ ଆସୁଥିବା ଚାରିଚକିଆ ଯାନ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# କନ୍ୟାସନ୍ତାନ ଅନ୍ୟକୁ ଦେଇ ସ୍ତ୍ରୀଙ୍କୁ ଘରୁ ତଡ଼ିଲେ ସ୍ୱାମୀ

ବଡ଼ଗାଁ,୨୭।୭ (ଡିଏନ୍.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଇ ସ୍ତ୍ରୀ ଭାବେ ଗ୍ରହଣ କରିବା ପରେ ସ୍ତ୍ରୀଙ୍କୁ ଧମକଚମକ ଦେଇ କନ୍ୟା ସନ୍ତାନକୁ ସ୍ୱାମୀ ସମ୍ବଲପୁର ଜିଲାର ଜଣେ ବ୍ୟକ୍ତିଙ୍କ ହାତରେ ଟେକି ଦେବା ଭଳି ଦୁଃଖଦ ଘଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ଏକମା ଗ୍ରାମର ପୂଜା ଲାକ୍ରା(୨୨)ଙ୍କୁ ସେହି ଗ୍ରାମର ରଜତ ବାଡ଼ା(୨୩) ୨୦୧୪ ମସିହାରୁ ପ୍ରେମ ସମ୍ପର୍କ ରଖି ବିବାହ ପ୍ରତିଶ୍ରୁତି ଦେଇ ଆସୁଥିଲେ। ଏହାସତ୍ତ୍ୱେ ରଜତ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାରୁ ପୀଡ଼ିତା ତାଙ୍କ ଠାରୁ ଦୂରେଇ ଯାଇଥିଲେ। ପରିବାର ଲୋକେ ବିବାହ ଠିକ କରିବା ଜାଣିପାରି ରଜତ ବିବାହ ପ୍ରସ୍ତାବ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଜାତିସମାଜର ବୈଠକ ହୋଇଥିଲା। ସେଠାରେ ରଜତ ପୂଜାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କଲି ଓ ଭବିଷ୍ୟତରେ ଛାଡ଼ିବି ନାହିଁ ଲେଖି ଦେଇଥିଲେ। ୨୦୧୯ ଡିସେମ୍ବର ୧୯ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସନ୍ତାନ ଜନ୍ମ ପୂର୍ବରୁ ଗର୍ଭପାତ କରିବାକୁ ବାଧ୍ୟ କରୁଥିଲେ ମଧ୍ୟ ପୀଡ଼ିତା ମାନିନଥିଲେ। ଏହାପରେ ସ୍ୱାମୀଙ୍କ ମନରେ ଥିବା ମନ୍ଦ ଉଦ୍ଦେଶ୍ୟ ଜଣାପଡ଼ିଥିଲା। ସନ୍ତାନ ୨ ମାସର ହେଲାପରେ ସମ୍ବଲପୁର ଜିଲା ଗୋମାଡେରା ଯିବା କହି ସ୍ତ୍ରୀ ପୂଜା ଓ ଶିଶୁକନ୍ୟାକୁ ନେଇଥିଲେ। ଗୋମାଡେରା ତହସିଲ କାର୍ଯ୍ୟାଳୟ ପରିସରରେ ଝିଅକୁ ଜଣେ ବ୍ୟକ୍ତିଙ୍କୁ ଦେଇଦେବା କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଝିଅ ଅନ୍ୟକୁ ନ ଦେଲେ ତତେ ଛାଡ଼ିଦେବି ଧମକ ଦେବା ସହିତ ନ ମାନିଲେ ବାଧ ହୋଇ ମାରିଦେବି କହିବାରୁ ପୀଡ଼ିତା ଭୟରେ ଆବଶ୍ୟକ କାଗଜପତ୍ରରେ ଦସ୍ତଖତ ଦେଇଥିଲେ। ପୌଷ୍ୟସନ୍ତାନ ଗ୍ରହଣ ସମ୍ବନ୍ଧୀୟ କାଗଜପତ୍ର ହେଲାପରେ ସ୍ୱାମୀ ଝିଅକୁ ସେମାନଙ୍କ ହାତରେ ଟେକିଦେଇଥିଲେ। ଏହାପର ଠାରୁ ପୀଡ଼ିତାଙ୍କୁ ଘରେ ପଶିବାକୁ ନ ଦେଇ ତଡ଼ିଦେଇଥିଲେ। ସେହିଦିନ ଠାରୁ ରଜତ କୁଆଡ଼େ ଚାଲିଯାଇଛନ୍ତି। ଏପଟେ ପୀଡ଼ିତା ପ୍ରତାରିତ ହେବା ସହିତ କୋଳଶୂନ୍ୟ ହୋଇ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏ ସମ୍ପର୍କରେ ସେ ଥାନାରେ ଲିଖିତ ଜଣାଇ ନ୍ୟାୟ ଦାବି କରିଛନ୍ତି।

# ଶୋଚନୀୟ ଅବସ୍ଥାରେ ତେଲିଘନା କଣ୍ଡେଇମୁଣ୍ଡା ରାସ୍ତା

କୁତ୍ରା, ୨୭।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥର ତେଲିଘନାରୁ ଲମ୍ବିଥିବା କଣ୍ଡେଇମୁଣ୍ଡା ରାସ୍ତା ବିପଦକୁ ଆମନ୍ତ୍ରଣ କରୁଛି। ଏହି ରାସ୍ତା କଣ୍ଡେଇମୁଣ୍ଡା ଗ୍ରାମ ଓ ଜେଏସଡବ୍ଲୁ କାରଖାନାକୁ ସଂଯୋଗ କରୁଛି। ଆଖପାଖ ଅଞ୍ଚଳର ସାଧାରଣ ଜନତା ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଦିନକୁ ଦିନ ଏହି ରାସ୍ତା ବିଗିଡିବାରେ ଲାଗିଛି। ବିଶେଷ ଭାବରେ ଏହି ରାସ୍ତା ଉପରେ ୨ଚକିଆ ଓ ପାଦଚଲା ଲୋକେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରନ୍ତି। ରାସ୍ତାର ଶହ ଶହ ସ୍ଥାନରେ ଲମ୍ବା ଚଉଡା ଓ ଗଭୀର ଖାଲଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷାରେ ରାସ୍ତା କୃତ୍ରିମ ପୋଖରୀ ଭଳି ଦେଖାଯାଉଛି। ରାସ୍ତା ଯେତେ ଖରାପ ହେଉଛି ତାଠାରୁ ବେଶୀ ପରିତାପର ବିଷୟ ଯେ ବର୍ଷ ବର୍ଷ ବିତିଗଲେ ମଧ୍ୟ ରାସ୍ତାର ମରାମତି ହୋଇପାରୁନାହିଁ। ଲୋକେ ବାରମ୍ବାର ଅଭିଯୋଗ


ରାସ୍ତା ଶୋଚନୀୟ ହୋଇପଡ଼ିଛି।

କରିବା ପରେ ମଧ୍ୟ ରାସ୍ତାର ମରାମତି ହୋଇପାରୁନାହିଁ। ଏହି ରାସ୍ତା ନିର୍ମାଣ ପାଇଁ କେହି ଧ୍ୟାନ ଦେଉନାହାନ୍ତି। ଏଣୁ ଯଥା ଶୀଘ୍ର ପ୍ରଶାସନ ପକ୍ଷରୁ ଧ୍ୟାନ ଦେଇ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ଜୁଲାଇ, ୨୦୨୧

## ୨୯ ଲିଟର ବିଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ରାମପୁରର ମେହେର ପଡାରେ ଅବକାରୀ ବିଭାଗ ଚଢାଉ କରି ୨୯ଲିଟର ବିଦେଶୀ ମଦ ଜବତ କରିଛି। ବେଆଇନ ମଦ କାରବାର ଚଳାଉଥିବା ସୁଦାମ ମେହେରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତବର୍ଷ ମଧ୍ୟ ସୁଦାମଙ୍କ ରାମପୁରସ୍ଥିତ ତାଙ୍କ ହୋଟେଲରେ ଅବକାରୀ ବିଭାଗ ଚଢାଉ କରି ବେଆଇନ ଭାବେ ବିକ୍ରି ହେଉଥିବା ବିଦେଶୀ ମଦ ଜବତ କରିଥିଲା। ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଏଏସ୍‌ଆଇ କେଶବ ଧରୁଆ, ସବିତା ପଟ୍ଟନାୟକ, କିର୍ତ୍ତନ ନାୟକ ପ୍ରମୁଖ ଚଢାଉ କରିଥିଲେ।



## ସଂକ୍ଷେପରେ

### ୬୧କିଲୋ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

ବାଉଁଶୁଣୀ,୨୭।୭(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ସଦେଇପୁର ଗ୍ରାମରୁ ଚାଲାଣ ହେବାକୁ ଥିବା ୬୧କିଲୋଗ୍ରାମ ଗଞ୍ଜେଇକୁ ସୋମବାର ରାତିରେ ପୋଲିସ ଜବତ କରିଛି। ଦୁଇଟି ବସ୍ତାରେ ଏହି ଗଞ୍ଜେଇକୁ ରଖାଯାଇଥିଲା। ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ରାୟଗୁରୁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲେ। ତେବେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ପାରିନାହିଁ। ବାଉଁଶୁଣୀ ଥାନାରେ ଏକ ମାମଲା(ନଂ.୧୨୫/୨୧)ରୁଜୁ ହୋଇଛି।

### ୱାର୍ଡସଭ୍ୟଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

**ବେଆଇନ ବନ୍ଧୁକ ଜବତ**

ଅମରପାଲି,୨୭।୭(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ହରିହରଯୋର ଫାଣ୍ଡି ଅନ୍ତର୍ଗତ ସୁରଧାପାଲି ଗ୍ରାମର ୱାର୍ଡସଭ୍ୟଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ବ୍ରାହ୍ମଣୀପାଲି ଗ୍ରାମର ପ୍ରହଲ୍ଲାଦ କର୍ମଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଏକ ବେଆଇନ ବନ୍ଧୁକ ପୋଲିସ ଜବତ କରିଛି। ଅଭିଯୋଗ ମତେ ସୁରଧାପାଲି ଗ୍ରାମର ୱାର୍ଡସଭ୍ୟ ସୁରେଶ ମିଞ୍ଜ ନିଜର ସାଙ୍ଗମାନଙ୍କ ସହିତ ଗ୍ରାମର ଏକ ଚେକଡ୍ୟାମକୁ ମାଛ ଧରିବାକୁ ଯାଇଥିଲେ। ସେହି ସମୟରେ ପ୍ରହଲ୍ଲାଦ ବିନା କାରଣରେ ସୁରେଶଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରିଥିଲା। ଏହା ସହ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ସୁରେଶ ଭୟରେ ସେଠାରୁ ଆସି ବୀରମହାରାଜପୁର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୧୫୦/୨୧)ରୁଜୁ ହୋଇଥିଲା। ଏସ୍‌ଡିପିଓ ଡୋଲାମଣୀ ଭୋଇ ଏହାର ତଦନ୍ତ ଦାୟିତ୍ୱ ନେଇ ଅଭିଯୁକ୍ତକୁ ବ୍ରାହ୍ମଣୀପାଲିରୁ ଗିରଫ କରି କୋର୍ଟଚାଣଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଉନ୍ନୟନ କାମ ବୁଲି ଦେଖିଲେ ଜିଲାପାଳ

ଅମରପାଲି,୨୭।୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରେୱଣ ମଙ୍ଗଳବାର ବୀରମହାରାଜପୁର ଗସ୍ତ କରିଥିଲେ। ସେ ପ୍ରଥମେ ବୀରମହାରାଜପୁର ବ୍ଲକ କାର୍ଯାଳୟକୁ ଆସି ବିଡିଓ ମୋତିଲାଲ ସୁଲିଆଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହା ପରେ ୫ଟିରେ ସାମିଲ ମୁର୍ଛୁଟି ହାଇସ୍କୁଲକୁ ଯାଇ ନିର୍ମାଣଧୀନ ସ୍କୁଲ କୋଠା ସହ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଖଣ୍ଡହତା ପଞ୍ଚାୟତର କୁସାଦାଦାର ଓ ଖଣ୍ଡହତାରେ ଉଦ୍ୟାନ ବିଭାଗ ତରଫରୁ ହୋଇଥିବା ଆମ୍ବ ବଗିଚା ଓ ବନବିଭାଗ ତରଫରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରୁ ହେଉଥିବା ବନୀକରଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। କ୍ଷେତ୍ର ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ପିଡି ଡିଆରଡିଏ ଡୋଲାମଣି ପଟେଲ, ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ, ଏପିଓ ସମ୍ବିତ ମହାକୁର, ଉଦ୍ୟାନ ବିଭାଗ ଓ ବନବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖପ୍ରାଖୋଲ,୨୭।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ସଦର ମହକୁମା ଗ୍ରୀଡ ଅଫିସ ପଡା ପାଖରେ ଥିବା ଏକ ପଣସ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ସୁଶାନ୍ତ ବରିହା (୩୫)। ମା, ବାପଙ୍କ ମୃତ୍ୟୁ ପରେ ସୁଶାନ୍ତଙ୍କ ଏକୁଟିଆ ରହୁଥିଲେ। ମୂଲ ମଜୁରି କରି ଜୀବିକା ନିର୍ବାହ କରୁଥିଲେ। ହେଲେ ଘର ପଛ ପଟେ ଥିବା ପଣସ ଗଛରେ ମଧ୍ୟାହ୍ନରେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖପ୍ରାଖୋଲ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### କରୋନାରେ ଗୋଟିଏ ଦିନରେ ୪ ମୃତ

ବୌଦ୍ଧ,୨୭।୭(ସ୍ୱ.ପ୍ର.): ସାରା ଦେଶରେ କରୋନା ମହାମାରୀ ବହୁ ଜୀବନ ନେଇଥିବା ବେଳେ ବୌଦ୍ଧ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ଶତକ ପାର ହୋଇଥିବା ଜଣାପଡିଛି। କରୋନାର ପ୍ରଥମ ଲହରରେ ବୌଦ୍ଧ ଜିଲାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କିନ୍ତୁ ଦ୍ୱିତୀୟ ଲହରରେ ଜିଲାରେ ମୃତ୍ୟୁ ସଂଖ୍ୟା ଢେର ବେଶୀ। ମଙ୍ଗଳବାର ଜିଲାରେ କରୋନାରେ ଗୋଟିଏ ଦିନରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦୩ରେ ପହଞ୍ଚିଛି। ଫଳରେ ଜିଲାରେ କରୋନା ମୃତ୍ୟୁହାର ଶତକ ପାରହୋଇଛି। ଜିଲାରେ ଦ୍ୱିତୀୟ ଲହରରେ ୯୨ ଜଣଙ୍କ ମୃତ୍ୟୁ ଘଟିଛି।

# ବର୍ଷା ପାଇଁ ଦେବଦେବୀଙ୍କ ପୂଜାର୍ଚ୍ଚନା

ଟିଟିଲାଗଡ଼,୨୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ଚଳିତ ଖରିଫରେ ନିଅଣ୍ଟିଆ ବର୍ଷା ଚାଷୀକୁଳକୁ ହତାଶ କରିଛି। ଅଦ୍ୟାବଧି ରୁଆ ବିହୁଡା କାମ ଆରମ୍ଭ ହୋଇ ପାରିନାହିଁ। ଅନ୍ୟନୋପାୟ ହୋଇ ଶେଷରେ ଚାଷୀ ଦେବାଦେବୀଙ୍କ ଶରଣାପନ୍ନ ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ଶଗଡଘାଟ ପଞ୍ଚାୟତର ଚାଷୀ ତଥା ସ୍ଥାନୀୟ ଆଦିବାସୀ ବର୍ଣ୍ଣେଇ ବୁଢା ପାହାଡର ୩ କିଲୋମିଟର ଉଚ୍ଚକୁ ଚଢି କଦଲିଝରନ ପୀଠରେ ପୂଜାର୍ଚ୍ଚନା କରିଛନ୍ତି। ବର୍ଣ୍ଣିବୁଢା ଏବଂ ଜଙ୍ଗଲ ଦେବୀ କାଲକୁଟେନଙ୍କ ସନ୍ତୁଷ୍ଟି ପାଇଁ ବୋଦା, କୁକୁଡା ବଳି ପକାଇଛନ୍ତି। ଗରିବ ଚାଷୀ, ଆଦିବାସୀ ପରିବାରର ଜୀବନ ରକ୍ଷା ପାଇଁ ବର୍ଷା କରିବାକୁ ବିନତି କରିଥିଲେ।

ଏଥିପୂର୍ବରୁ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ସ୍ଥାନୀୟ ଆଦିବାସୀ ଚାଷୀ ଏକ ବୈଠକ କରିଥିଲେ। ପ୍ରତ୍ୟେକ ଘରୁ ଚାଉଳ, ଟଙ୍କା ସଂଗ୍ରହ ହୋଇଥିଲା। ପୂଜା ସାମଗ୍ରୀ କ୍ରୟ ପରେ ମଙ୍ଗଳବାର ସକାଳୁ ଶହଶହ ସଂଖ୍ୟାରେ ମହିଳାପୁରୁଷ ପାରମ୍ପରିକ ଆଦିବାସୀ ବାଦ୍ୟ, ଅସ୍ତ୍ରଶସ୍ତ୍ର, ନୃତ୍ୟ ସହ ବିଭିନ୍ନ ଗ୍ରାମ ଦେବାଦେବୀ, ଧରନୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ।



ଆଦିବାସୀମାନେ ବର୍ଷା ପାଇଁ ପାରମ୍ପରିକ ନୃତ୍ୟ କରୁଛନ୍ତି।

- ବର୍ଣ୍ଣିବୁଢ଼ାଙ୍କ ପାଖରେ ବଳି ଚଢ଼ାଇଲେ ଆଦିବାସୀ
- ନିଅଣ୍ଟିଆ ବର୍ଷା ପାଇଁ ଉଜୁଡ଼ି ଗଲାଣି ଫସଲ

ସେଠାରୁ ଏକ ଶୋଭାଯାତ୍ରାରେ ୩ କିଲୋମିଟର ଉଚ୍ଚ ବର୍ଣ୍ଣେଇ ପାହାଡକୁ ଯାଇ ବର୍ଣ୍ଣି ବୁଢାଙ୍କୁ ବର୍ଷାପାଇଁ ଗୁହାରି କରିଥିଲେ। ସନ୍ତୁଷ୍ଟି ପାଇଁ ବାଦା, କୁକୁଡା ବଳି ଚଢାଇ ଥିଲେ। ପୂଝାରୀ ଡମ ମାଝୀ, ଜଗନ୍ନାଥ ମାଝୀ, ଡୁମ ମାଝୀ, ଗୌତମ ମାଝୀ, ନାଭ ମାଝୀ, ପୁରୁଷୋତ୍ତମ ମାଝୀ, ଶଙ୍କର ମାଝୀ, କବିରାଜ ମାଝୀ, ଦିହାରି ତ୍ରିନାଥ ମାଝୀ, ପ୍ରଦୀପ ମାଝୀ, ସୀତାରାମ ମାଝୀ, ଜଗ ମାଝୀ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦିହାରିଙ୍କ ଦେହରେ ଦେବତା ଉଭା ହୋଇ ଆଶୀବାଦ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଜିତୁ ସାହୁ, ଶଗଡଘାଟ ନାଏବ ସରପଞ୍ଚ ତହସିଲ ସାହୁ, ୱାର୍ଡସଭ୍ୟା ତରୁ ମାଝୀ, ପଞ୍ଚାୟତ ଅଞ୍ଚଳର ବହୁ ଚାଷୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଏଠାକାର ଆଦିବାସୀ ପୁରୁଷାନୁକ୍ରମେ ବର୍ଷା ନହେଲେ ଡଙ୍ଗର ଚଢି କଦଲୀଝରନଠାରେ ଥିବା ଦେବାଦେବୀଙ୍କ ପୂଜାର୍ଚ୍ଚନା କରି ବର୍ଷା ମନାସିଥାନ୍ତି। ସେହିକ୍ରମରେ ମଙ୍ଗଳବାର ପ୍ରବଳ ଗରମରେ ସ୍ଥାନୀୟ ଆଦିବାସୀ, ଚାଷୀ ପାହାଡ ଚଢିଥିଲେ। ପୂଜାର୍ଚ୍ଚନା ସାରି ଫେରିବା ବେଳକୁ ପ୍ରବଳ ବର୍ଷା ହୋଇଥିଲା। ଏଥିରୁ ଦେବୀଙ୍କ ସୁଦୟା ହେଲା ବୋଲି ବରିଷ୍ଠ ପୂଝାରୀ ଡମ ମାଝୀ କହିଛନ୍ତି।

# ବରିଷ୍ଠ ଶିକ୍ଷକଙ୍କୁ ଉପେକ୍ଷା ନେଇ ମାମଲା ଉଚ୍ଚ ନ୍ୟାୟାଳୟରେ

ବୌଦ୍ଧ,୨୭।୭(ସ୍ୱ.ପ୍ର.)

**୮ ସପ୍ତାହ ମଧ୍ୟରେ ବରିଷ୍ଠତା ଭିତ୍ତିରେ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ ପାଇଁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ**

ବୌଦ୍ଧ ଜିଲା ଶିକ୍ଷା ବିଭାଗରେ ବରିଷ୍ଠ ଶିକ୍ଷକଙ୍କୁ ଉପେକ୍ଷା କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିବା ବେଳେ ଏବେ କିନ୍ତୁ ଏନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିବା ଜଣାପଡିଛି। ଜିଲା ଶିକ୍ଷା ବିଭାଗ ଦ୍ୱାରା ଉପେକ୍ଷିତ ହୋଇଥିବା ବୌଦ୍ଧ ଜିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଟୁପାଲିର ବରିଷ୍ଠ ଶିକ୍ଷକ ଶ୍ରୀନିବାସ ମିଶ୍ର ନ୍ୟାୟ ପାଇଁ ଶେଷରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଡ୍ବ୍ୟୁପି(ସି) ନଂ ୨୦୭୦୮/୨୧ ତା ୨୩।୭।୨୦୨୧ରେ ୮ସପ୍ତାହ ମଧ୍ୟରେ ସରକାରୀ ନିୟମ ଅନୁଯାୟୀ ବରିଷ୍ଠତା ଭିତ୍ତିରେ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ ପାଇଁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶଯେ, କିଛିଦିନ ତଳେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ କ୍ଷମତା ଦେଖାଇବାକୁ ଯାଇ ଉଦ୍ଦେଶ୍ୟମୂଳକ ଭାବରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଟୁପାଲିର କିଛି ବରିଷ୍ଠ ଶିକ୍ଷକଙ୍କୁ ଉପେକ୍ଷା କରି ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରିଥିଲେ। ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଚିଠି ନମ୍ବର ୩୭୬୬/୧୮ ବିଦ୍ୟାଳୟ ନିୟମ ୩ ଉପଧାରା ୧.୮ ରେ ବରିଷ୍ଠତା ଭିତ୍ତିରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିବା ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିବା ସତ୍ତ୍ୱେ ଏହାକୁ ଉଲ୍ଲଂଘନ କରି ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେବା ପରେ ଏହାକୁ ନେଇ ଶିକ୍ଷକମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟରେ ପୂର୍ବରୁ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇ ସାରିଥିବା ବରିଷ୍ଠ ଶିକ୍ଷକ ଶ୍ରୀନିବାସ ମିଶ୍ର ଲିଖିତ ଭାବରେ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ କେଉଁ କାରଣରୁ ତାଙ୍କଠାରୁ ଜଣେ କନିଷ୍ଠ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୧୯୪୪/ ତା ୧୯।୫।୨୦୨୧ ଅନୁଯାୟୀ, ଗଣଶିକ୍ଷା ବିଭାଗ ଚିଠି ନମ୍ବର ୩୭୬୯/ ତା ୨୦।୦୨।୨୦୧୮ ଅନୁଯାୟୀ ସମ୍ପୃକ୍ତ ବିଦ୍ୟାଳୟର ବରିଷ୍ଠତା ଭିତ୍ତିରେ ଯୋଗ୍ୟ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଭାବରେ ତିନିଦିନ ମଧ୍ୟରେ ଦାୟିତ୍ୱ ପ୍ରଦାନ ପାଇଁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କିନ୍ତୁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭିନ୍ନ ସରକାରୀ ଆଳଦେଖାଇ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରି ସମୟ ଗଡାଇ ଚାଲିଥିଲେ। ଜିଲା ଶିକ୍ଷା ବିଭାଗରୁ ନ୍ୟାୟ ନ ମିଳିବାରୁ ବରିଷ୍ଠ ଶିକ୍ଷକ ଶ୍ରୀମିଶ୍ର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

# ବିକେଏନ୍ ଆଞ୍ଚଳିକ ଦୁଗ୍ଧ ସଂଘର ଭ୍ରାମ୍ୟମାଣ ଗୋଚିକିତ୍ସା ସେବା ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୨୭।୭

ବଲାଙ୍ଗୀର ଲର୍କିପାଲିସ୍ଥିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିସରରେ ବଲାଙ୍ଗୀର-କଳାହାଣ୍ଡି-ନୂଆପଡା (ବିକେଏନ୍) ଆଞ୍ଚଳିକ ଦୁଗ୍ଧ ସଂଘର ଭ୍ରାମ୍ୟମାଣ ଗୋ ଚିକିତ୍ସା ସେବା ଏବଂ ଗୋ-ଯତ୍ନ ସମ୍ବନ୍ଧୀୟ ଦୂରଭାଷ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ତଥା ବିକେଏନ୍ ଦୁଗ୍ଧ ସଂଘର ପ୍ରଶାସକ ଚଞ୍ଚଳ ରାଣା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧବକାରୀ ଡା ଦିଗାମ୍ବର ନାୟକ, ସଂଘର ସାଧାରଣ ପରିଚାଳକ ଡା ସରୋଜ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବଲାଙ୍ଗୀର-କଳାହାଣ୍ଡି-ନୂଆପଡା (ବିକେଏନ୍) ଆଞ୍ଚଳିକ ଦୁଗ୍ଧ ସଂଘର 'ଗୋ ପାଳନ ମାଧ୍ୟମରେ ଗ୍ରାମାଞ୍ଚଳ ଦୁଗ୍ଧଚାଷୀଙ୍କ ସାମାଜିକ ଉତ୍‌ଥାନ' ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତବ୍ୟ ରଖି ମୁଖ୍ୟଅତିଥି ତ୍ରିପାଠୀ ବର୍ତ୍ତମାନ ସୁଦ୍ଧା ସଂଘ ମାଧ୍ୟମରେ ୧୫ ହଜାର ଦୁଗ୍ଧଚାଷୀ ସାମିଲ ଅଛନ୍ତି ଓ ସେମାନଙ୍କଠାରୁ ଦୈନିକ ୬୫ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି ବୋଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ଦୁଗ୍ଧ ସଂଘରେ ଯେପରି ୩୦ ହଜାର ଦୁଗ୍ଧଚାଷୀ ସାମିଲ ହେବେ ସେଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପାରମ୍ପରିକ ଧାନଚାଷ ବ୍ୟତୀତ ଗୋ ପାଳନ, ମତ୍ସ୍ୟ ଚାଷ, ଉଦ୍ୟାନ କୃଷି କ୍ଷେତ୍ରରେ ଚାଷୀମାନେ ଆଗ୍ରହ ଦେଖାଇଲେ ସେମାନଙ୍କ ଅର୍ଥନୈତିକ ବିକାଶ ସହ ଗ୍ରାମାଞ୍ଚଳର ଅଭିବୃଦ୍ଧି ସମ୍ଭବ ହୋଇପାରିବ ବୋଲି କହିଥିଲେ। ଭ୍ରାମ୍ୟମାଣ ଗୋ ଚିକିତ୍ସା ସେବା ଆରମ୍ଭ ହେବା ଦ୍ୱାରା ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ଇନ୍‌ପୁଟ ଏବଂ ଭେକ୍ସିନ୍ ଯୋଗାଇ ଦିଆଯାଇପାରିବ। ଦୂରଭାଷ ପରାମର୍ଶ କେନ୍ଦ୍ର ଜରିଆରେ ୧୫ହଜାର ଚାଷୀ ଯୋଡି ହୋଇପାରିବେ। ଏହି ଅବସରରେ ଗୋ-ପାଳନ ବିକାଶ ଦିଗରେ ଅବଦାନ ଯୋଗୁଁ ପ୍ରାଣୀ ଚିକିତ୍ସକ ଡା. ଭବାନୀ ଶଙ୍କର ବେହେରା, ଡା ସୁବ୍ରତ କୁମାର ରଥ, ଡା ପଲ୍ଲବୀ ପ୍ରିୟଦର୍ଶନୀ ଏବଂ ଲଗାତାର ୩ ବର୍ଷଧରି ସର୍ବାଧିକ ଦୁଗ୍ଧ କରିଥିବା ଦୁଗ୍ଧଚାଷୀ ସତ୍ୟନାରାୟଣ ବେହେରାଙ୍କୁ ସଭାରେ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକେଏନ୍ ଦୁଗ୍ଧ ସଂଘର ସମସ୍ତ ସମିତି ସମ୍ପାଦକ ଓ ହେଡ ଲୋଡର ମାନଙ୍କୁ ଜୀବନ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଦୁଗ୍ଧ ସଂଘର ଦ୍ୱିତୀୟ ସଂସ୍କରଣ ସମାଚାର ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ବିକେଏନ୍ ଆଞ୍ଚଳିକ ଦୁଗ୍ଧ ସଂଘର ଭ୍ରାମ୍ୟମାଣ ଗୋ-ଚିକିତ୍ସା ସେବା ଏବଂ ଗୋ-ଯତ୍ନ ସମ୍ବନ୍ଧୀୟ ଦୂରଭାଷ ସେବା କେନ୍ଦ୍ରକୁ ଡବ୍ଲ୍ୟୁଡିସି ଅଧକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

## ମା' ମାଣିକେଶ୍ୱରୀ ରାଜ୍ୟ ପରିବହନ କର୍ମଚାରୀ ସଂଘ ନୂତନ କର୍ମକର୍ତ୍ତା ମନୋନୀତ

ଭବାନୀପାଟଣା, ୨୭।୭ (ଡି.ଏନ.ଏ.)

ମା' ମାଣିକେଶ୍ୱରୀ ରାଜ୍ୟ ପରିବହନ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ ନୂତନ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭବାନୀଶଙ୍କର ଧଙ୍ଗଡାମାଝି, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଦଳେଇ, ସାଧାରଣ ସମ୍ପାଦକ ମୋହନ କୁମାର ଭଞ୍ଜ, ସହକାରୀ ସମ୍ପାଦକ ସୁବାଶ ଚନ୍ଦ୍ର ଲହଜାଲ, ଯୁଗ୍ମ ସମ୍ପାଦକ ଶିବ ମହାରଣା, ଉପଦେଷ୍ଟା ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସାରଙ୍ଗଧର ମହାରଣା ମନୋନୀତ ହୋଇଛନ୍ତି। ସଂଯୋଜକ ଭାବେ ବିଘ୍ନରାଜ ପୁରୋହିତ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ ଓ ବଂଶିଧର ଜେନା ମନୋନୀତ ହୋଇଥିବା ବେଳେ ୧୧ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସ୍ଥାନୀୟ ଓଡିଶା ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ମୋହନ କୁମାର ଭଞ୍ଜ ଅତିଥି ପରିଚୟ ଓ ବାର୍ଷିକ ବବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଦଳେଇ ମଞ୍ଚ ପରିଚାଳନା କରିଥିଲେ। ସୁବାଶ ଚନ୍ଦ୍ର ଲହଜଲ ଧନ୍ୟବାଦ ଦେଇଥିଲେ।

## କାର୍‌ରୁ ୨ ଭୁଜାଲି ଜବତ, ମାଲିକ ଗିରଫ



ଜବତ କାର୍ ଏବଂ ଗିରଫ ଗାଡି ମାଲିକ।

ଅତାବିରା,୨୭।୭ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ଥାନା ପୋଲିସ ମଙ୍ଗଳବାର ସ୍ଥାନୀୟ ଡାକବଙ୍ଗଳା ନିକଟରେ ଯାଞ୍ଚ କରିବା ସମୟରେ ଏକ କାର୍ (ନଂ. ଓଡି୧୭ଏଫ/୯୪୮୬) ସମେତ ୨ଟି ଭୁଜାଲିକୁ ଜବତ କରିଛି। ଏହି ଘଟଣାରେ ଗାଡି ମାଲିକ ଭେଡେନ ଥାନା ବାଦୀ ଗ୍ରାମର ବୃନ୍ଦାବନ ରଥ(୩୭)ଙ୍କୁ ଗିରଫ କରି ବରଗଡ କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡେନ ଥାନାରେ ଏକ ମାମଲା (ନଂ.୧୬୬/୨୧) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସଙ୍ଗୀତା ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ମୋଟର ଚାଳକ ସଂଘ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ଡ୍ରାଇଭର ଓ ବୃନ୍ଦାବନ ଉକ୍ତ କାର୍‌ରେ ବରଗଡ଼ରୁ ଭେଡେନ ପଟକୁ ଆସୁଥିବା ବେଳେ ଡାକବଙ୍ଗଳା ନିକଟରେ ଆନ୍ଦୋଳନକାରୀମାନେ ଅଟକାଇଥିଲେ। ସେଠାରେ ଆନ୍ଦୋଳନକାରୀଙ୍କ ସହିତ ବୃନ୍ଦାବନଙ୍କ ଯୁକ୍ତିତର୍କ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରିବା ବେଳେ କାର୍ ଭିତରୁ ୨ଟି ଭୁଜାଲି ମିଳିଥିଲା ଏବଂ ବୃନ୍ଦାବନଙ୍କୁ ଗିରଫ କରାଯାଇଥିଲା।

# ଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟାକୁଳ କ୍ରିପାଲ

ସୋନପୁର,୨୭।୭(ନି.ପ୍ର.)

ଜଗତର ନାଥ ଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟାକୁଳ କ୍ରିପାଲ ସିଂ ଯାଦବ(୬୨)। କ୍ରିପାଲଙ୍କ ଘର ମଧ୍ୟପ୍ରଦେଶର ଅଶୋକନଗର ଜିଲା ତମାଶା ଗାଁରେ। ସେ ଜୁଲାଇ ୫ତାରିଖରେ ନିଜ ଗାଁରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ମୋଟ ୧୪୦୦କିଲୋମିଟର ସେ ପାଦରେ ଚାଲିବେ। କରୋନା ମହାମାରୀ ସମୟରେ ଚାଲି ଚାଲି ପୁରୀ ଧାମକୁ ଯିବା ପାଇଁ ସେ ପ୍ରତିଜ୍ଞା କରିଛନ୍ତି। ତେଣୁ ଖରାବର୍ଷାରେ ସେ ଯାତ୍ରା ଜାରି ରଖିଛନ୍ତି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ସେ ଏବେ ପୁରୀ ଅଭିମୁଖେ ଯାଉଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସେ ସୋନପୁର ଅତିକ୍ରମ କରିଛନ୍ତି। କ୍ରିପାଲ କୁହନ୍ତି, ଜଗନ୍ନାଥଙ୍କୁ ଦର୍ଶନ କରିବା ତାଙ୍କର ଲକ୍ଷ୍ୟ। ମନ ଭିତରେ ଯଥେଷ୍ଟ ଭକ୍ତି ଭାବ ରହିଛି। ତେଣୁ ଶାରୀରିକ କଷ୍ଟ ତାଙ୍କୁ ଆଦୌ ଜଣାପଡୁନି। ଦୈନିକ ୪୦ରୁ ୫୦କିଲୋମିଟର ଯାତ୍ରା କରୁଛନ୍ତି। ବିଶ୍ୱର ମଙ୍ଗଳ ଓ କରୋନା ମହାମାରୀ କବଳରୁ ଜଗତକୁ ଉଦ୍ଧାର କରିବା ପାଇଁ ସେ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରିବେ ବୋଲି କହିଛନ୍ତି।

**ମଧ୍ୟପ୍ରଦେଶରୁ ଚାଲି ଚାଲି ଯାଉଛନ୍ତି ପୁରୀ**



ପଦଯାତ୍ରାରେ କ୍ରିପାଲ ସିଂ ଯାଦବ।

# ଗୁହାଳଘର ପାଇବାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ

ବାଉଁଶୁଣୀ,୨୭।୭(ଡି ଏନ ଏ)

ବୌଦ୍ଧ ଜିଲାରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଦିଗହରା ହୋଇଛି। ବହୁ ଯୋଗ୍ୟ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଚତୁର ଓ କ୍ଷମତାଶାଳୀ ବ୍ୟକ୍ତି ଯୋଜନା ହାତେଇ ନେଉଥିବା ଅଭିଯୋଗ ହେଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗରିବ ଗୋପାଳକମାନଙ୍କୁ ସରକାର ଗୁହାଳ ଘର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତିବର୍ଷ ଜିଲାରେ ଶହ ଶହ ହିତାଧିକାରୀ ଗୁହାଳ ଘର ପାଉଥିବା ସରକାରୀ କାଗଜପତ୍ରରେ ଦର୍ଶାଯାଉଛି। ମାତ୍ର ପ୍ରକୃତରେ ଯେଉଁମାନେ ଗୋପାଳକ ଓ ପକ୍କା ଗୁହାଳ ନାହିଁ ସେମାନଙ୍କ ପାଇଁ ଏହି ଯୋଜନା ଅପହଞ୍ଚ ହୋଇଛି। ଏହାର ନଜିର ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଖଲିଆପାଲି (ପୁରୁମୁଣ୍ଡା) ଗ୍ରାମ ପଞ୍ଚାୟତର ତାଳପଦର ଗ୍ରାମରେ। ଏହି ଗ୍ରାମର ଜଣେ ଗୋପାଳକ ହେଉଛନ୍ତି କାର୍ତ୍ତିକ ମହାକୁଡ। ଅର୍ଥାଭାବରୁ ସେ ଏକ ଭଙ୍ଗା ଦଦରା ଗୁହାଳ ଘରେ ବର୍ତ୍ତମାନ ୨୦ ଗୋଟି ଗାଈ ରଖିଛନ୍ତି। ପୂର୍ବରୁ ୩୫ ଗୋଟି ଗୋରୁ ପାଳନ କରୁଥିବା ବେଳେ ସେଥିରୁ କେତେକ ମରି ଯାଇଥିବା ଓ ବିକ୍ରି କରି ଦେଇଥିବା ପ୍ରକାଶ କରିଛନ୍ତି। ଗତ ୧୫ ବର୍ଷ ଧରି ପକ୍କା ଗୁହାଳ ଯୋଜନାରେ ସାମିଲ ହେବାକୁ ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଅଫିସ ଓ ଜିଲାପାଳଙ୍କୁ ଦରଖାସ୍ତ ଦେଇ ଆସୁଥିଲେ ହେଁ କାର୍ତ୍ତିକ ଆଜିଯାଏ ହିତାଧିକାରୀ ହୋଇ ପାରିନାହାନ୍ତି। ପ୍ରାଣୀ ସମ୍ପଳ ବିଭାଗ ତରଫରୁ ଜଣେ ସଫଳ ଗୋ-ଚାଷୀ ଭାବରେ କାର୍ତ୍ତିକଙ୍କୁ ଦୁଇ ଦୁଇ ଥର ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମରେ ପଲ୍ଲୀସଭା କରାଯାଇ ହିତାଧିକାରୀ ମନୋନୀତ କରିବା ନିୟମ ଥିଲେ ସୁଦ୍ଧା ଖଲିଆପାଲି ପଞ୍ଚାୟତରେ ବର୍ଷ ବର୍ଷ ଧରି କିଭଳି ଓ କେଉଁ ଆଧାରରେ ପଲ୍ଲୀସଭା ହୋଇ ହିତାଧିକାରୀ ଚୟନ ହେଉଛି ତାହା ତଦନ୍ତସାପେକ୍ଷ। ଏ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରୁ କାର୍ଯ୍ୟାନୁଷ୍ଠାନ ପାଇଁ ଆସୁଥିବା ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନ କାର୍ଯ୍ୟକାରୀ କରୁ ନ ଥିବା କାର୍ତ୍ତିକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଜଣେ ସଫଳ ଗୋପାଳକ କିଭଳି ସରକାରୀ ଯୋଜନାର ହିତାଧିକାରୀ ହୋଇପାରିବେ ସେ ଦିଗରେ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



ଗୁହାଳ ଆଗରେ କାର୍ତ୍ତିକ ମହାକୁଡ।

**ଏମ୍‌ଜିଏନ୍‌ଆରଇଜିଏସ୍ ଦିଗହରା**

## କାର୍‌ଗିଲ୍ ବିଜୟ ଦିବସରେ ସାଇକେଲ ଯାତ୍ରା

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣାରେ ୪ ନାଭଲ ୟୁନିଟ ଏନସିସି ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ, କଳାହାଣ୍ଡି ଏନ୍‌ସିସି ନାଭାଲ କମାଣ୍ଡାଣ୍ଟ ଭେଙ୍କଟ ଯଦୁ ଯୋଗଦେଇ ଏନସିସି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସାଇକେଲ ଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମିଶ୍ର ଏବଂ ଡବ୍ଲୁଓଡିସି ଅଧକ୍ଷ ତ୍ରିପାଠୀ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ବିରାଟକାୟ ବୋଡା ସାପ ଉଦ୍ଧାର, ଜଙ୍ଗଲରେ ଛାଡ଼ିଲେ ଲୋକେ

**ବାଉଁଶୁଣୀ,୨୭।୭(ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତ ଶୁଆପାବୁଲି ଗ୍ରାମରେ ମଙ୍ଗଳବାର ବିରାଟକାୟ ବୋଡା ସାପ ଦେଖିବାକୁ ମିଳିଥିଲା। ସାପର ଲମ୍ବ ପ୍ରାୟ ୧୦ ଫୁଟରୁ ଅଧିକ ହେବ। ସାପ ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଗାଁ ବସ୍ତି ଆଡକୁ ଚାଲି ଆସିଥିବା ହେତୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଗ୍ରାମର ଯୁବକମାନେ ସାପକୁ ଜଙ୍ଗଲ ଆଡକୁ ଘଉଡ଼ାଇ ଦେଇଥିବା ସୂଚନା ମିଳିଛି। ବର୍ଷାଦିନ ଆସି ଯାଇଥିବା ହେତୁ ଅନେକ ଜଙ୍ଗଲ ପାର୍ଶ୍ୱ ଗ୍ରାମଗୁଡ଼ିକ ଆଡକୁ ବିଭିନ୍ନ ବିରଳ ପ୍ରଜାତିର ସାପ ଚାଲି ଆସୁଛନ୍ତି। ସାପ କାମୁଡାରେ ଅନେକ ଲୋକ ମୃତାହତ ହେଉଥିବା ବେଳେ ଅନେକ ସାପଙ୍କୁ ଲୋକେ ମାରି ଦେଉଥିବା ଦେଖିବାକୁ ମିଳୁଛି। ବନ ବିଭାଗ ଏ ସମ୍ପର୍କରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଜନସାଧାରଣଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### କାର୍‌ଗିଲ ବିଜୟ ଦିବସରେ ଚାରା ରୋପଣ କାର୍ଯ୍ୟକ୍ରମ



**ବାଉଁଶୁଣୀ,୨୭।୭(ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଡିମିରିପାଲି ଗ୍ରାମରେ କାର୍‌ଗିଲ ବିଜୟ ଦିବସ ଅବସରରେ ଲଭ ଅର୍ଗାନାଇଜେଶନ ବାଉଁଶୁଣୀ ତରଫରୁ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦସ୍ୟମାନଙ୍କ ଦ୍ୱାରା ୨୦ଟି ଚାରା ରୋପଣ କରାଯାଇଥିବାବେଳେ ଆଗକୁ ଅଧିକ ଚାରା ଲଗାଯିବ। ସଂଘକୁ ସୁଦୃଢ କରିବା ପାଇଁ ଅସହାୟଙ୍କୁ ସାହା, ସଚେତନ କାର୍ଯ୍ୟକ୍ରମ କରିବା ସହ ସାମାଜିକ କାମ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଭାପତି ଗୋପାଳ କ୍ରିଷ୍ଣା ଥପା, ସମ୍ପାଦକ କୃଷ୍ଣାପଣ ଦନାୟକ ତଥା ସଙ୍ଗଠନର ସଦସ୍ୟ ରିତେଶ କର୍ଣ୍ଣ, ସୌମ୍ୟରଞ୍ଜନ ପ୍ରଧାନ, ରାଜା ଦାସ, ସାଗର ମଲ୍ଲିକ, ତୁଷାର ମେହେର, ଦୀପକ ମେହେର, ସମୀର ନାୟକ, ଅମୀୟ ମହାକୁଲ, ଦେବାଶିଷ ତ୍ରିପାଠୀ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରି ଚାରା ରୋପଣ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

### ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ ପାଳିତ

**ଖପ୍ରାଖୋଲ,୨୭।୭(ଡି.ଏନ.ଏ.):** ସିଆରପିଏଫ୍‌ର ୮୩ତମ ପ୍ରତିଷ୍ଠା ଦିବସ ବଲାଙ୍ଗୀର ଜିଲା ଖପ୍ରାଖୋଲ ୧୮୯ ବି ବାଟଲିଅନ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂ ସିଆରପିଏଫ୍ ପତାକା ଉତ୍ତୋଳନ କରି ଦେଶର ସୁରକ୍ଷା ପାଇଁ ସିଆରପିଏଫ କିଭଳି କାର୍ଯ୍ୟ କରିଛି ତାହା ଉପରେ ଆଲୋକପାତ କରିଥିଲେ। ଦେଶ ମାତୃକାର ସୁରକ୍ଷା ପାଇଁ ଜୀବନ ଦେଇଥିବା ସହିଦ୍ ଯବାନଙ୍କ ସେ ସ୍ମୃତିଚାରଣ କରିଥିଲେ। ଇନ୍ସପେକ୍ଟର ପି.ଲିମସନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହୃଦ୍‌ଘାତରେ ଜିଲା କ୍ରୀଡ଼ା ସଂସ୍ଥା ଉପସଭାପତିଙ୍କ ପରଲୋକ

**ଭବାନୀପାଟଣା,୨୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଯାଇଛି। ସ୍ୱର୍ଗତ ତ୍ରିପାଠୀ ମ. ରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରି ଅବସର ଗ୍ରହଣ କରିଥିଲେ। ଜିଲା କ୍ରୀଡା ସଂସ୍ଥା ସମ୍ପାଦକ ଭାବେ କାମ କରିବା ସହ ସେ ସଂସ୍ଥାର ଉପସଭାପତି ଥିଲେ। ତାଙ୍କର ଅକାଳ ବିୟୋଗରେ ଜିଲାର ଶିକ୍ଷକ ସମାଜ ତଥା କ୍ରୀଡା ସଂସ୍ଥାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଜିଲା କ୍ରୀଡାସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଅଲିମ୍ପିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ, ଓଡିଶା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା, ଓଡିଶା ବକ୍ସିଂ ଆସୋସିଏଶନ୍ ଉପସଭାପତି ଅଜିତ ଦାସ, ଓଡିଶା ଭଲିବଲ୍ ଆସୋସିଏଶନ୍ ସମ୍ପାଦକ ଗଗନେନ୍ଦୁ ଦାସ ପ୍ରମୁଖ ଗଭିର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।





ଖରଭୂଇଁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଶାଳ ଶୋଭାଯାତ୍ରାରେ ଯାଉଛନ୍ତି(ବାମ), ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ବୌଦ୍ଧ,୨୭।୭(ସ୍ୱ.ପ୍ର)**

- କ୍ରସର ବନ୍ଦ ଦାବିରେ ସଦର ମହକୁମାରେ ଗର୍ଜିଲେ ଗ୍ରାମବାସୀ
- ହରଭଙ୍ଗା ତହସିଲଦାରଙ୍କୁ ତୁରନ୍ତ ହଟାଇବାକୁ ଦାବିକଲେ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଗ୍ରାମ ନିକଟରେ ଚାଲିଥିବା କ୍ରସର ଓ ପଥର ବ୍ଲାଷ୍ଟିଂକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦାବିକରି ଦୀର୍ଘ ଏକ ମାସରୁ ଅଧିକ ହେଲା ଆନ୍ଦୋଳନ କରିଆସୁଛନ୍ତି ଖରଭୂଇଁ ଗ୍ରାମବାସୀ। କ୍ରସର ଯୋଗୁ ଚାଷ, ପରିବେଶ, ଜଙ୍ଗଲ କ୍ଷୟ ଓ ଜୀବନ ଓ ଜୀବିକା ଉପରେ ଏହାର ବହୁ ପ୍ରଭାବ ପଡୁଛି। ଏଣୁ ଲୋକଙ୍କ ଦୃଷ୍ଟିରୁ କ୍ରସରଗୁଡିକୁ ବନ୍ଦ କରିବା ସହ ପଥର ବ୍ଲାଷ୍ଟିଂ ମଧ୍ୟ ବନ୍ଦ କରାଯାଉ। ଏଥିପାଇଁ ଆନ୍ଦୋଳନ ଚଳାଇଅଛନ୍ତି। ଏପଟେ କ୍ରସରଗୁଡିକ ବନ୍ଦ ହେବା ଫଳରେ ଜିଲାର ଉନ୍ନୟନ କାମଗୁଡିକ ବନ୍ଦ ହୋଇପଡିଛି। ଏନେଇ ପ୍ରଶାସନ ପକ୍ଷରୁ ତିନିଥର ଆଲୋଚନା କରାଯାଇଥିଲେ ସୁଧା ଏହା ସୁଫଳ ହୋଇପାରିନାହିଁ। ବର୍ତ୍ତମାନ କ୍ରସର ଚାଲିବା ନେଇ ଗ୍ରାମବାସୀ ଓ ପ୍ରଶାସନ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଆଲୋଚନା ସମୟରେ ହରଭଙ୍ଗା ତହସିଲଦାର ଗ୍ରାମବାସୀମାନଙ୍କୁ ଆଶାଳୀନ ବ୍ୟବହାର ଦେଖାଇଥିବା ଓ ଧମକଚମକ ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଆନ୍ଦୋଳନକୁ ଆହୁରୀ ଜୋରଦାର କରିଛନ୍ତି। ଆଶାଳୀନ ବ୍ୟବହାର ଦେଖାଇଥିବା ହରଭଙ୍ଗା ତହସିଲଦାରଙ୍କୁ ତୁରନ୍ତ ହଟାଇବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରି ମଙ୍ଗଳବାର ଗ୍ରାମବାସୀ ସଦର ମହକୁମାରେ ଗର୍ଜିଛନ୍ତି। ଗ୍ରାମର ଶହଶହ ମହିଳା ଓ ପୁରୁଷ ସହରର ବସଷ୍ଟାଣ୍ଡଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାଦେଇ ହାତରେ ପ୍ଲାକାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଓ କରିଥିଲେ। ତୁରନ୍ତ କ୍ରସର ବନ୍ଦ କରିବା ସହ ହରଭଙ୍ଗା ତହସିଲଦାରଙ୍କୁ ହଟାଇବା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ଅଶ୍ୱିନୀ ମେହେରଙ୍କୁ ପ୍ରଦାନ କରିଥିଲେ। ଖରଭୂଇଁ ଗ୍ରାମ୍ୟ କମିଟିର ସଭାପତି ଅକ୍ଷୟ ନାୟକ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ତିଳୋତ୍ତମା କହଁର ଓ ଜିଲା ପରିଷଦ ସଦସ୍ୟ ଅବକାଶ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ମୃତଦେହ ପୋତି ୪ ଫେରାର

**ବରଗଡ଼ ଅଫିସ୍/ଝାରବନ୍ଧ,୨୭।୭**

**ନିଖୋଜ ଘଟଣାର ଭିନ୍ନ ମୋଡ଼**

ବରଗଡ଼ ଜିଲା ଝାରବନ୍ଧ ଥାନା ଭଇଁଷାଦର୍ହା ପଞ୍ଚାୟତ ବନବାସୁ ପଡ଼ା ଗ୍ରାମର କାଶୀରାମ ପଟେଲ(୩୫) ନିଖୋଜ ଘଟଣା ଭିନ୍ନ ମୋଡ଼ ନେଇଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଏବଂ ଘଟଣାକୁ ଚାପିଦେବା ପାଇଁ ମୃତଦେହକୁ ପୋତି ଦେବା ଭଳି ଚାଞ୍ଚଲ୍ୟକର ଘଟଣା ଏବେ ପଦାକୁ ଆସିଛି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ମୃତଦେହ ଉଦ୍ଧାର କରାଯିବ ବୋଲି ଝାରବନ୍ଧ ଥାନାଧିକାରୀ ଅନୀଲ ପ୍ରଧାନ କହିଛନ୍ତି। ସେହିପରି ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଝାରବନ୍ଧ ଥାନାକୁ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

ସୂଚନା ଅନୁସାରେ, ଗତ ୨୨ତାରିଖ ରାତ୍ରିରେ କାଶୀରାମ ଗ୍ରାମର ଅନ୍ୟ ୭ଜଣଙ୍କ ସହିତ ଘରୁ ବାହାରକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ବାପା ଶାଲେଗ୍ରାମ ଝାରବନ୍ଧ ଥାନାରେ ପୁଅର ନିଖୋଜ ନେଇ ଜଣାଇଥିଲେ। ତେବେ ବାର୍‌ହା ଶିକାର କରିବାକୁ ଯାଇଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କାଶୀରାମଙ୍କ ମୃତ୍ୟୁ ହୋଇଥିବା ଏବଂ ମୃତଦେହକୁ ପୋତି ଦିଆଯାଇଥିବା ନେଇ ଗାଁ ଲୋକେ ଆଲୋଚନା କରିଥିଲେ। ଏହାପରେ ସୋମବାର ଗ୍ରାମରେ ଏକ ବୈଠକ ବସିଥିଲା। ଘଟଣାଦିନ କାଶୀରାମଙ୍କ ସହିତ ଯାଇଥିବା ୭ଜଣଙ୍କ ମଧ୍ୟରୁ ୩ଜଣ ଘଟଣା ସମ୍ପର୍କରେ ବୈଠକରେ କହିଥିଲେ। ବାର୍‌ହା ଶିକାର ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କାଶୀରାମଙ୍କ ମୃତ୍ୟୁ ହୋଇଥିଲା ଏବଂ ମୃତଦେହକୁ ବାଇକ୍‌ରେ ଆଣି ଭଇଁଷାଦର୍ହା ନିକଟ ଛିରାଲ ନାଳାରେ ପୋତି ଦିଆଯାଇଥିବା ନେଇ ସେମାନେ କହିଥିଲେ। ଏହାପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସହ ଘଟଣାସ୍ଥଳକୁ ନେଇଥିଲା। ରାତି ହୋଇଯାଇଥିବାରୁ ପୋଲିସ ସେଠାରେ ଜଗି ରହିଛି। ବୁଧବାର ମାଟିତଳୁ ମୃତଦେହ ବାହାର କରାଯିବ ବୋଲି ପୋଲିସ କହିଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୯୯/୨୧) ରୁଜୁ ହୋଇଛି।



ମୃତଦେହକୁ ପୋତାଯାଇଥିବା ସ୍ଥାନ।

## ଯୌତୁକ ନିର୍ଯାତନା ମାମଲା: ଜେଲଗଲେ ସ୍ୱାମୀ

**ଲୋଇସିଂହା,୨୭।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବିନ୍ଧାପାଲି ଗ୍ରାମର ବିବାହିତା ମହିଳା ଅମ୍ୱୋବତୀ ନାଏକ ଯୌତୁକ ନିର୍ଯାତନା ନେଇ ଗତ ୨୩ ତାରିଖରେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୩/୨୧) ରୁଜୁ କରି ତଦନ୍ତ ଚଲାଇଥିଲା। ପୀଡିତାଙ୍କ ସ୍ୱାମୀ ମନୋଜ ନାଏକଙ୍କୁ ବରଗଡ ଜିଲା ପର୍ଥଲା ଗ୍ରାମରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲୋଇସିଂହା ଥାନା ଆଇଆଇସି ରମାକାନ୍ତ ଜେନା ପ୍ରକାଶ କରିଛନ୍ତି। ପୋଲିସ ସୂଚନା ମତେ, ୨୦୧୬ମସିହାରେ ବିନ୍ଧାପାଲି ଗ୍ରାମର ଅମ୍ୱୋବତୀଙ୍କ(୩୨)ଙ୍କ ସହ ପର୍ଥଲା ଗ୍ରାମର ମନୋଜ ନାଏକଙ୍କର ବିବାହ ହୋଇଥିଲା। ବିବାହ ବେଳେ ବାପଘର ଲୋକେ ସୋଫାସେଟ୍ ଦେଇ ନ ଥିବାରୁ କୁଆଡେ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଇଥିଲେ। ଏହି କାରଣରୁ ଅମ୍ୱୋବତୀ ସ୍ୱାମୀଙ୍କ ପାଖରେ ୬ ମାସ ରହି ବାପ ଘରକୁ ଚାଲି ଆସିଥିଲେ।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଯୋଗୀସର୍ଡା ପରିଦର୍ଶନ

**ଲୋଇସିଂହା,୨୭।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମକୁ ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମଙ୍ଗଳର ପରିଦର୍ଶନରେ ଯାଇଥିଲେ। ଯୋଗୀସର୍ଡାରେ ପହଞ୍ଚିଲା ପରେ ତାଙ୍କୁ ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ଦୀର୍ଘବର୍ଷ ବ୍ୟବଧାନ ପରେ ଯୋଗୀସର୍ଡା ବସ୍ତିର ଗୌନ୍ତିଆପଡାସ୍ଥିତ ନିଜ ପୈତୃକ ଘରକୁ ଯାଇ ସମ୍ପର୍କୀୟଙ୍କୁ ଭେଟି ପୁରୁଣା ସ୍ମୃତି ମନେ ପକାଇଥିଲେ। ସେଠାରୁ ଫେରି ଯୋଗେଶ୍ୱର ଧାମ ମନ୍ଦିର ଛକ ସ୍ଥିତ ନୋଡାଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ଭିତ୍ତିଭୂମି ଏବଂ ଆଦର୍ଶ ହାଇସ୍କୁଲ ପାଇଁ ଚାଲିଥିବା ରୂପାନ୍ତରିତ କାର୍ଯ୍ୟ ବୁଲି ସେ ଦେଖିଥିଲେ। ଏହି ଅବସରରେ ଗ୍ରାମବାସୀ ଦୂରାବସ୍ଥା ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟା ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତ୍ରିପାଠୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଉପଜିଲାପାଳ ଲମ୍ୱୋଦର ଧରୁଆ, ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ବିଡିଓ ରାମଚନ୍ଦ୍ର ଖାଡିଆ ଉପସ୍ଥିତ ଥିଲେ।



ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଡବ୍ଲ୍ୟୁଓଡିସି ଅଧକ୍ଷ ଅସୀତ ତ୍ରିପାଠୀ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଲୋଇସିଂହା,୨୭।୭(ଡି.ଏନ.ଏ)**

ବଲାଙ୍ଗୀର ଉପଜିଲାପାଳ ଲମ୍ୱୋଦର ଧରୁଆ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ ମଙ୍ଗଳବାର ଲୋଇସିଂହା ବ୍ଲକ ଗସ୍ତରେ ଆସି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ସୁଫଳରୁ ଯେମିତି ବଞ୍ଚିତ ନହେବେ ସେ ଦିଗରେ ଯତ୍ନବାନ ହେବାକୁ ଅଧିକାରୀଦ୍ୱୟ କହିଥିଲେ। ସମୀକ୍ଷା ବୈଠକରେ ବ୍ଲକ ଅଫିସରେ ବିଡିଓ ରାମଚନ୍ଦ୍ର ଖାଡିଆ,ଏବିଡିଓ ବିଜୟ କୁମାର ହୋତା ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ ଉପସ୍ଥିତ ଥିଲେ।

# ନକଲି ଭିଜିଲାନ୍ସ ଅଧିକାରୀ ଠକି ନେଲେ ୧.୭୦ଲକ୍ଷ

**ସୋନପୁର,୨୭।୭(ନି.ପ୍ର.)**

**ଥାନାରେ ମାମଲା, ଟଙ୍କା ଫେରି ପାଇଲେ ସିଡିଏମ୍‌ପିଏଚଓ**

ସୁବର୍ଣ୍ଣପୁର ସିଡିଏମ୍‌ପିଏଚଓ(ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ) ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ଠକାମିର ଶିକାର ହୋଇଥିବା ସୋନପୁର ଥାନାରେ ଅଭିଯୋଗ ହୋଇଛି। ବୀରମହାରାଜପୁର ଥାନା ମେଣ୍ଡାମାଳ ଗାଁର ଗଣେଷ ପ୍ରସାଦ ନନ୍ଦ ନାମକ ଜଣେ ଯୁବକ ନିଜକୁ ଭିଜିଲାନ୍ସ ବିଭାଗ ଅଧିକାରୀ ପରିଚୟ ଦେଇ ତାଙ୍କ ନିକଟରୁ ୧ଲକ୍ଷ ୭୦ହଜାର ଟଙ୍କା ଧାର ନେଇଥିବା ଡାକ୍ତର ପଣ୍ଡା ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ନନ୍ଦ ଭିଜିଲାନ୍ସ ବିଭାଗର ଅଧିକାରୀ ନୁହଁ ବୋଲି ଡାକ୍ତର ପଣ୍ଡା ଜାଣିବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ. ୧୯୬/୨୧)ରୁଜୁ କରିଥିଲା। ସୋମବାର ରାତିରେ ପୋଲିସ ଅଭିଯୁକ୍ତ ଗଣେଷଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ତାଙ୍କୁ ପୋଲିସ ସିଆରପିସି ୪୧ନୋଟିସ ଦେଇ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିବା ଓ ତଦନ୍ତ ଜାରି ରହିଥିବା ମାମଲାର ତଦନ୍ତକାରୀ ଅଧିକାରୀ ଶରତ ଆଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ଦେଇଥିବା ସମସ୍ତ ଟଙ୍କା ଫେରି ପାଇଥିବା ଡାକ୍ତର ପଣ୍ଡା କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନନ୍ଦ ନିଜର ବୋଲେରୋ ଗାଡିକୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଓ କୋଭିଡ କାର୍ଯ୍ୟରେ ବିଭିନ୍ନ ବ୍ଲକରେ ଭଡାରେ ଲଗାଇଥିଲେ। ତେବେ ସିଡିଏମ୍‌ପିଏଚଓ କାହିଁକି ନକଲି ଭିଜିଲାନ୍ସ ଅଧିକାରୀ ପରିଚୟ ଦେଉଥିବା ଯୁବକଙ୍କୁ ଏତେଗୁଡିଏ ଟଙ୍କା ଦେଇଥିଲେ ତାହା ରହସ୍ୟ ଘେରରେ ରହିଛି। ସେହିପରି ଏ କ୍ଷେତ୍ରରେ ପୋଲିସର ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠିଛି।

# ୪୦ଜଣଙ୍କ ନାମରେ ମାମଲା ରୁଜୁ



ବନୀକରଣ ନଷ୍ଟ କରାଯାଇଥିବା ସ୍ଥାନରେ ପୋଲିସ ତଦନ୍ତ ।

**ଅମରପାଲି,୨୭।୭ (ଡି.ଏନ.ଏ)**

**ବନୀକରଣ ଚାରାଗଛ ନଷ୍ଟ, ତାରବାଡା ଭାଙ୍ଗିବା ଘଟଣା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଭାଲୁଡୁଙ୍ଗୁରି ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚାରା ରୋପଣ କରି ତାହାର ଚାରିପଟେ ତାରବାଡା ଦିଆଯାଇଥିଲା। ଗତ ରବିବାର ଭାଲୁଡୁଙ୍ଗୁରି (କଲନୀପଡା)ର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଚାରାଗଛ ଉପାଡି ଦେବା ସହିତ ତାରବାଡା ଭାଙ୍ଗି ଦେଇଥିଲେ। ଏନେଇ ରେଞ୍ଜ ଅଧିକାରୀ ଅବିନାଶ ବରିହା ମଙ୍ଗଳବାର ସୁବଳୟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ଉକ୍ତ ଅଞ୍ଚଳରେ ପ୍ରାୟ ୫୦ହେକ୍ଟର ଜଙ୍ଗଲ ଜମିରେ ଚାରାରୋପଣ କରାଯାଇଥିଲା। ଗତ ୩ତାରିଖରେ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଉପଜିଲାପାଳ ଅଶୋକ କୁମାର ଭୋଇ, ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ ଉପସ୍ଥିତିରେ ଚାରାରୋପଣର ଶୁଭାରମ୍ଭ ହୋଇଥିଲା। ଗତ ରବିବାର ଜ୍ୟୋର୍ତିମୟୀ ରଥଙ୍କ ନେତୃତ୍ୱରେ ୪୦ରୁ ଅଧିକ ବ୍ୟକ୍ତି ଉକ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଲାଗିଥିବା ମୋଟ ୩୨ହଜାର ଚାରାରୁ ୪ ହଜାର ୮ ଶହ ଚାରା ଉପାଡି ଦେବା ସହିତ ୨୯୫ଟି ସିମେଣ୍ଟ ପିଲର ନଷ୍ଟ କରି ତାର ବାଡା ଭାଙ୍ଗି ଦେଇଛନ୍ତି। ରେଞ୍ଜ ଅଧିକାରୀଙ୍କ ଅଭିଯୋଗ ଆଧାରରେ ଜ୍ୟୋର୍ତିମୟୀଙ୍କ ସମେତ ପ୍ରାୟ ୪୦ ଜଣଙ୍କ ନାମରେ ଏକ ମାମଲା(ନଂ.୭୯/୨୧)ରୁଜୁ ହୋଇଥିବା ସୁବଳୟା ଥାନା ଅଧିକାରୀ ରାଜେନ୍ଦ୍ର ମଣ୍ଡଳ ସୂଚନା ଦେଇଛନ୍ତି।

# ସିଗ୍‌ନାଲ ପଡ଼ି ନ ଥିବାରୁ ଅଟକିଲା ଏକ୍ସପ୍ରେସ ଟ୍ରେନ

**ଲୋଇସିଂହା,୨୭।୭(ଡି.ଏନ.ଏ)**

ମଙ୍ଗଳବାର ସକାଳେ ସିଗନାଲ ପଡି ନ ଥିବାରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଫାଟକ ପୂର୍ବରୁ କିଛି ସମୟ ପାଇଁ ଅଟକି ଥିଲା ଟିଟିଲାଗଡ-ହାଓ୍ୱଡା ଏକ୍ସପ୍ରେସ। ପରେ ଫାଟକ ଜଗୁଆଳି ସାଗୁଆ ପତାକ ଦେଖାଇବା ପରେ ଡ୍ରାଇଭର ଟ୍ରେନକୁ ଆଗକୁ ଗଡାଇଥିଲେ। ପ୍ରାପ୍ତମତେ, ଟିଟିଲାଗଡରୁ ବାହାରିଥିବା ଟିଟିଲାଗଡ-ହାଓ୍ୱଡା ଏକ୍ସପ୍ରେସ ଲୋଇସିଂହା ଷ୍ଟେଶନ ପାର ହେଲା ପରେ ବୁର୍ଡା-ମେଣ୍ଡା ରାସ୍ତାର ବୁର୍ଡା ଫାଟକ ପୂର୍ବରୁ ପଡୁଥିବା କଲାସୀ ପୋଲ ପର୍ଯ୍ୟନ୍ତ ହୋଇଥିଲା। ସମୟ ସକାଳ ପ୍ରାୟ ୭ଟା। ହେଲେ ସିଗନାଲ ମିଳି ନ ଥିବାରୁ ଡ୍ରାଇଭର ଟ୍ରେନକୁ କିଛି ସମୟ ପାଇଁ ଅଟକାଇ ହର୍ଣ୍ଣ ଦେଇଥିଲେ। ଏହାପରେ ଫାଟକ ଜଗୁଆଳି ଟ୍ରେନ ଲାଇନ କଡକୁ ଆସି ସବୁଜ ପତକା ଦେଖାଇ ସଙ୍କେତ ଦେଲା ପରେ ଡ୍ରାଇଭର ଟ୍ରେନକୁ ଆଗକୁ ବଢାଇ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ତେବେ ଫାଟକ ଜଗୁଆଳିଙ୍କ କହିବା ମୁତାବକ ଏନଓ୍ୱାନ କାମ ଚାଲିଥିବାରୁ ସିଗନାଲ ପଡି ନ ଥିବା ସେ କହିଥିଲେ।

# ଅମ୍ଳଜାନ ସାନ୍ଦ୍ରକ ଯନ୍ତ୍ର ପ୍ରଦାନ

**ଟିଟିଲାଗଡ଼, ୨୭।୭(ଡି.ଏନ.ଏ)**

ଆକ୍ସନ ଏଡ ଇଣ୍ଡିଆ ପକ୍ଷରୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ୪ଟି ଅମ୍ଳଜାନ ସାନ୍ଦ୍ରକ ଯନ୍ତ୍ର ପ୍ରଦାନ କରାଯାଇଛି। ସଂଗଠନ ସଦସ୍ୟ ଘାସିରାମ ପଣ୍ଡା, ମୁରଲୀ ଚରଣ ଦାଶ ମଙ୍ଗଳବାର ଟିଟିଲାଗଡଠାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସ୍ୱାଧିନ ମେହେର, ଗତିକୃଷ୍ଣ ମିଶ୍ର ଏହି ସମୟରେ ଉପସ୍ଥିତ ଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକଙ୍କୁ ସାନ୍ଦ୍ରକ ଯନ୍ତ୍ର ହସ୍ତାନ୍ତର କରାଯାଇଛି।




ସାନ୍ଦ୍ରକ ଯନ୍ତ୍ର ମନ୍ତ୍ରୀ ଟୁକୁନୀ ସାହୁଙ୍କ ଜରିଆରେ ଟିଟିଲାଗଡ ଡାକ୍ତରଖାନାକୁ ପ୍ରଦାନ କରାଯାଉଛି।

# ସମସ୍ୟା ଶୁଣିଲେ, ସମାଧାନ ପ୍ରତିଶ୍ରୁତି ଦେଲେ

**ବଲାଙ୍ଗୀର ଅଫିସ,୨୭।୭**

**ଗୋଠପଡାବାସୀଙ୍କ ସହ ଆଲୋଚନା କଲେ ବିଧାୟକ**

ବଲାଙ୍ଗୀର ପୌରାଞ୍ଚଳର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ବିଷ୍ଣୁମୁଣ୍ଡା ନିକଟସ୍ଥ ଗୋଠପଡା ପରିଦର୍ଶନରେ ଯାଇ ବିଧାୟକ ନରସିଂହ ମିଶ୍ର ସେଠାକର ଲୋକଙ୍କର ବିଭିନ୍ନ ସମସ୍ୟା ଶୁଣିଥିଲେ। ନିତିଦିନିଆ ରାସ୍ତା, ପିଇବା ପାଣି ଓ ବିଜୁଳି ସମସ୍ୟା ବିଷୟରେ ଲୋକଙ୍କ ଆପତ୍ତି ଶୁଣିଥିଲେ। ସେଠାରେ ଗରିବ ତଥା ଦଳିତ ଶ୍ରେଣୀର ଲୋକେ ବାସ କରୁଛନ୍ତି। ପଡାକୁ କଚ୍ଚା ରାସ୍ତାରେ ମଧ ଯାଇ ହେଉନାହିଁ। ପଡାର ସବୁ ଅଞ୍ଚଳରେ ବିଜୁଳି ଖୁଣ୍ଟ ପୋତା ଯାଇଥିଲେ ହେଁ କୌଣସି ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ନାହିଁ। ପଡାରେ ପିଇବା ପାଇଁ ଏକ ଉଚ୍ଚ କ୍ଷମତା ସମ୍ପୂର୍ଣ୍ଣ ପାଣିଟାଙ୍କି କାମ ନିର୍ମାଣ ହୋଇ ପାଇପ ବିଛା କାମ ସରିଛି କିନ୍ତୁ କୌଣସି ଜାଗାରେ ଷ୍ଟାଣ୍ଡପୋଷ୍ଟ ନାହିଁ। ବଲାଙ୍ଗୀର ପୌରାଞ୍ଚଳରେ ଅଧିନରେ ଏହି ଅଞ୍ଚଳ ଥିଲେ ମଧ ସବୁବେଳେ ଅଣଦେଖା କରାଯାଉଛି ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଥିଲେ। ଲୋକଙ୍କ ଆପତ୍ତି ଶୁଣିବା ପରେ ବିଧାୟକ ମିଶ୍ର ଲାଇଟ ଖୁଣ୍ଟରେ ଶୀଘ୍ର ଲାଇଟ ଲଗେଇବା ଏବଂ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପୌର ଅଧିକାରୀଙ୍କୁ କହିଥିଲେ। ବର୍ଷା ପରେ ବିଷ୍ଣୁମୁଣ୍ଡାରୁ ଗୋଠପଡା ପର୍ଯ୍ୟନ୍ତ ରାସ୍ତାକୁ ସ୍ଥାୟୀ ଭାବରେ ନିର୍ମାଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାନୀୟ ଜଳ ପାଇଁ ପାଇପ ବିଛା ସରିଥିଲେ ମଧ ପଡାର ବିଭିନ୍ନ ଅଞ୍ଚଳରେ ଷ୍ଟାଣ୍ଡପୋଷ୍ଟ ତଥା ଗୋଠପଡାର ପ୍ରତ୍ୟେକ ଗରିବ ପରିବାରକୁ ବିନା ମୂଲ୍ୟରେ ପାଇପ ପାଣି ଯୋଗାଇବା ପାଇଁ ପଦକ୍ଷେପ ନେବାକୁ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ପଡାର ଅନେକ ଗରିବ ଭୂମିହୀନ ଥିବାରୁ ସେମାନଙ୍କ ଦାବି ମୁତାବକ ବିନା ମୂଲ୍ୟରେ ଜମି ଓ ବାସଗୃହ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ବିଧାୟକ ମିଶ୍ରଙ୍କ ସହିତ କଂଗ୍ରେସ ନଗର ସଭାପତି ବୁଲୁ ଦାନୀ, ଚନ୍ଦ୍ରମଣି ତ୍ରିପାଠୀ, ଲୋପନ ମିଶ୍ର, ସଞ୍ଜୟ ମିଶ୍ର ଓ ବୁଲୁ ବେହେରା ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ପୌରାଞ୍ଚଳର ଗୋଠପଡା ବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ଜୁଲାଇ, ୨୦୨୧

## ୧୦ ଲକ୍ଷର ବ୍ରାଉନସୁଗାର ଜବତ

ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ପୋଲିସ ମଙ୍ଗଳବାର ୧୦ ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ହସିମ୍ ରେଜା କାଦ୍ରି। ସୂଚନା ଅନୁଯାୟୀ, ବସ୍ତା ଦମକଳ କେନ୍ଦ୍ର ନିକଟରେ ବିକ୍ରି ପାଇଁ ମସୁଧା ସମୟରେ ପୋଲିସ ଚଢ଼ାଉ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ପୋଲିସ ଅଭିଯୁକ୍ତ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।



**ସଂକ୍ଷେପରେ**

## ଲାଠୋର ବନାଞ୍ଚଳରେ ବାଘ ବୁଲୁଥିବା ଭିଡିଓ ଭାଇରାଲ

**ବନ ବିଭାଗର ଖଣ୍ଡନ**

ଲାଠୋର,୨୭।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଗତ ୩ଦିନ ହେବ ଏକ ବାଘ ବୁଲୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କିତ ଏକ ଭିଡିଓ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। କେହି ଜଣେ ବ୍ୟକ୍ତି ତିନିଦିନ ତଳେ ଏକ ବାଘ ଜଙ୍ଗଲରେ ବୁଲୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରି ଲାଠୋର ବନାଞ୍ଚଳ ଗମ୍ଭାରୀ ସେକସନ ସରଗିମୁଣ୍ଡା ଜଙ୍ଗଲ ବୋଲି ଠିକଣା ଲେଖିଛନ୍ତି। ଏନେଇ ଲାଠୋର ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କୁ ଯୋଗାଯୋଗ କରିବାରୁ ଭାଇରାଲ ଭିଡିଓ ଆମ ନଜରକୁ ଅସିଛି। ଏହା ଆମ ଅଞ୍ଚଳର ନୁହେଁ ତେଣୁ ଏହାକୁ ନେଇ ଲୋକ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଏପରି ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଥିବା ବ୍ୟକ୍ତିଙ୍କ ବିରୋଧରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ନୂଆପଡ଼ା ସାହୁ ସମାଜର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା ଅଫିସ,୨୭।୭: ନୂଆପଡା ଜିଲା ସାହୁ ସମାଜର ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦେଓଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ସହିତ ନାମ ମଧ୍ୟ ଘୋଷଣା କରାଯାଇଛି। ସଭାପତି ଭାବେ ଦେଓଧର ସାହୁ ମନୋନୀତ ହୋଇଛନ୍ତି । ଉପସଭାପତି ଭାବେ ଦେଓ କୁମାର ସାହୁ, ପ୍ରମୋଦ କିଶୋର ସାହୁ ଏବଂ ମହିଳା ଉପସଭାନେତ୍ରୀ ଭାବେ ରାଜେଶ୍ୱରୀ ସାହୁଙ୍କୁ ମନୋନୀତ କରାଯାଇଛି। ସାଧାରଣ ଶସମ୍ପାଦକ ଭାବେ ଧୋନୀରାମ ସାହୁ ଓ ସାଙ୍ଗଠାନିକ ସମ୍ପାଦକ ଭାବେ ପ୍ରମୋଦ ସାହୁ, ଜାନକି ସାହୁ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ ଓ ମଜଭୁତ କରିବା ପାଇଁ ଶପଥ ନେଇଛନ୍ତି। ସାମାଜିକ ବିକାଶ, ସାଂସ୍କୃତି, କ୍ରୀଡା, ଶିକ୍ଷା କ୍ଷେତ୍ରରେ ସବୁବେଳେ ଚେଷ୍ଟିତ ରହିବୁ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

ନୂଆପଡ଼ା ଅଫିସ,୨୭।୭: ନୂଆପଡା ଜିଲା ବେଲଟୁକୁରି ଥାନା ସରେଇପାଲି ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ଉକ୍ତ ଗ୍ରାମର ଭେକରାମ କେଉଁଟ (୨୯)। ମିଳିଥିବା ସୂଚନା ଅନୁସାରେ ସରେଇପାଲି ଗାଁର ଲେଛରାମ କେଉଁଟଙ୍କ ୨ପୁଅ ଜନକରାମ (୩୧) ଓ ଭେକରାମ ଜମିରେ କାମ କରୁଥିଲେ। ଭେକରାମ ଜମି ପାଖରେ ଥିବା ଏକ ବୋଦାକୁ ଯାଇଥିଲେ। ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ପରେ ମଧ ନ ଆସିବାରୁ ବଡଭାଇ ଜନକରାମ ଖୋଜାଖୋଜି କରିବା ପରେ ଜମି ନିକଟ ବୋଦାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଗୋଡରୁ ରକ୍ତ ବାହାରୁ ଥିବାବେଳେ ଗୁରୁତର ଅବସ୍ଥାରେ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ବେଲଟୁକୁରି ଆଇଆଇସି କ୍ଷୀରୋଦ ବାଗ ସୂଚନା ଦେଇଛନ୍ତି। କୌଣସି ବିଷଧର ସାପ କାମୁଡାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଆରମ୍ଭ ହୋଇନି ପୋଲ କାମ

**■ଧାର୍ଯ୍ୟ ସମୟ ଶେଷ ହେଲା**
**■ଅସନ୍ତୁଷ୍ଟ ସ୍ଥାନୀୟ ଅଧିବାସୀ**
**■ନୀରବ ଦ୍ରଷ୍ଟା ସାଜିଛି ପିଡବ୍ଲ୍ୟୁଡି ବିଭାଗ**

ଜୁନାଗଡ,୨୭।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ପଞ୍ଚାୟତ ମାଳପଡାସ୍ଥିତ ନାଳ (ଯୋର) ପୋଲ କାମ ଆଜିଯାଏ ଆରମ୍ଭ ହୋଇନାହିଁ। ଇତିମଧ୍ୟରେ ଧାର୍ଯ୍ୟ ସମୟ ଶେଷ ହୋଇ ୧୦ ମାସ ବିତିଯାଇଛି। ଏଥିପ୍ରତି ପିଡବ୍ଲୁଡି ବିଭାଗ ନୀରବ ଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୨୦୧୯ରେ ପିଡବ୍ଲୁଡି ବିଭାଗ ପକ୍ଷରୁ ପ୍ରାୟ ୩ କୋଟି ୬୫ ଲକ୍ଷ ବ୍ୟୟ ଅଟକଳରେ ୬୦ ମିଟର ଉଚ୍ଚତା ବିଶିଷ୍ଟ ପୋଲ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ଭବାନୀପାଟଣା ଅଞ୍ଚଳର ସୁରେଶ ଅଗ୍ରୱାଲ ନାମକ ଜଣେ ଠିକାଦାର ପାଇଥିଲେ। ପୋଲ କାମ ୧୬।୯।୨୦୧୯ରେ ଆରମ୍ଭ ହେବାକୁ ଥିବାବେଳେ ଶେଷ କରିବା ତାରିଖ ୧୫।୯।୨୦୨୦ ରହିଥିଲା। ଧାର୍ଯ୍ୟ ସମୟ ସୀମା ଶେଷ ହୋଇ ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲ ଶେଷ ତ ଦୂରର କଥା ଆରମ୍ଭ ମଧ୍ୟ ହୋଇନାହିଁ। ସମ୍ପୃକ୍ତ ଠିକାଦାର ଓ ପିଡବ୍ଲୁଡି ବିଭାଗର ଅବହେଳା ଯୋଗୁ ପୋଲ କାମ ଆରମ୍ଭ ହୋଇ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରନ୍ତି। ଅନ୍ୟପଟେ ନୂତନ ପୋଲ ନିର୍ମାଣ ନ ହେବା ପୂର୍ବରୁ ଠିକାଦାର ନାଳ ଉପରେ ଛୋଟ ଛୋଟ ପାଇପ ଦେଇ ଏକ ଆପ୍ରୋଚ ପୋଲ ତିଆରି କରିଥିଲେ। ଏହି ପୋଲ କମ୍ ଉଚ୍ଚତା ଥିବା ଯୋଗୁ ବର୍ଷା ହେଲେ ତାହା ଉପରେ ପାଣି ପ୍ରବାହିତ ହେବା ଆଶଙ୍କା ରହିଛି। ସେହିପରି ପୁରୁଣା ପୋଲର ଅବସ୍ଥା ମଧ୍ୟ ସମାନ ରହିଛି। ଫଳରେ ନାଳରେ ଅଧିକ ପାଣି ଆସିଲେ ପୋଲ ଉପରେ ପାଣି ପ୍ରବାହିତ ହୋଇ ଗମନାଗମନ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ବର୍ତ୍ତମାନ ମଧ୍ୟ ପାଣି ଯୋଗୁ ପୋଲ କୂଳ ଖାଇଖାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ରାତିରେ ଏହି ରାସ୍ତା ଦେଇ ଯିବା ଏକ ପ୍ରକାର ବିପଦ। ଏହି ପୋଲ ଦେଇ ପାଖାପାଖି ୧୫ଟି ଗ୍ରାମର ଜନସାଧାରଣ ନିର୍ଭର କରୁଛନ୍ତି। ଶୀଘ୍ର ପୋଲ କାମ ଶେଷ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଭୋଇଙ୍କୁ ପଚାରିବାରୁ କୋଭିଡ୍ ପାଇଁ ବିଳମ୍ବ ହେଲା ପୋଲ କାମ। ଶୀଘ୍ର ପୋଲ କାମ ସାରିବାକୁ ଠିକାଦାରଙ୍କୁ କୁହାଯାଇଛି ବୋଲି କହିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।


ମାଳପଡାସ୍ଥିତ ପୋଲ କାମ ଆରମ୍ଭ ହୋଇନାହିଁ।

## ଭାଜପା ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ


ମଣ୍ଡଳର କାର୍ଯ୍ୟକାରିଣୀ ବୈଠକରେ ଭାଜପା କର୍ମକର୍ତ୍ତା।

କୋକସରା,୨୭।୭ (ଡି.ଏନ.ଏ.)

ମଙ୍ଗଳବାର ଭାରତୀୟ ଜନତା ପାର୍ଟି କୋକସରା ମଣ୍ଡଳର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଗମ୍ଭାରୀଗୁଡା ଧାନ ମଣ୍ଡିରେ ଅନୁଷ୍ଠିତ ହୋଇଥିଲା। କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଭାଜପା ଜିଲା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ସୁଧିର ରଞ୍ଜନ ପାଟଯୋଶୀ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଣେଶ ନନ୍ଦ, କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ଜିଲା ଉପ ସଭାପତି ଦୁର୍ଗା ପ୍ରାସାଦ ପ୍ରଧାନୀ, କୋକସରା ମଣ୍ଡଳ ଉପସଭାପତି ସୁଧୀର ପାତ୍ର, ମଣ୍ଡଳ ନବନିଯୁକ୍ତ ଉପସଭାପତି ରଜନୀକାନ୍ତ ପଣ୍ଡା, ହରିଜନ ମୋର୍ଚ୍ଚା ସଭାପତି ସୋମନାଥ ବାଗ, ଆଦିବାସୀ ମୋର୍ଚ୍ଚା ଉପ ସଭାପତି ମଦନମୋହନ ପାତ୍ର, କୋକସରା ମଣ୍ଡଳ ଉପ ସଭାପତି ମୁକୁନ୍ଦ ପଟ୍ଟନାୟକ, ପ୍ରମୋଦ ପଣ୍ଡା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ କୋକସରା ବ୍ଲକରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରି ସାଧାରଣ ଲୋକଙ୍କ ସମସ୍ୟାର ନିରାକରଣ ଓ ଆସ୍ଥାଭାଜନ ହେବାକୁ ବରିଷ୍ଠ କର୍ମକର୍ତ୍ତାମାନେ ମତ ରଖିଥିଲେ।

# କର୍ମୀ ସମ୍ମିଳନୀ ନେଇ ବିଜେଡିର ପ୍ରସ୍ତୁତି

ଖଡିଆଳ, ୨୭।୭ (ଡି.ଏନ.ଏ.)

**ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ**

ନୂଆପଡା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ ନେଇ ସିନାପାଲି ପଞ୍ଚାୟତ ସମିତି ବିଶ୍ରାମ ଗୃହଠାରେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ କର୍ମୀ ସମ୍ମିଳନୀ ୨୮ ତାରିଖରେ ବୋଡେନ ବ୍ଲକ ପାତଳଗଙ୍ଗାସ୍ଥିତ ରାଧାକୃଷ୍ଣ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବାଲାଗି ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଗୃହରାଷ୍ଟ୍ର ମନ୍ତ୍ରୀ ତଥା ନୂଆପଡା ଜିଲା ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ଜିଲା ସାଧାରଣ ସମ୍ପାଦକ ନିଆଲଙ୍କ ସମେତ ସିନାପାଲି ବ୍ଲକ ସଭାପତି ବୀରେନ୍ଦ୍ର ଖମାରୀ, ସମ୍ପାଦକ ଦୈତାରୀ ମେହେର, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ଦୋଳକାନ୍ତି ମାଝୀ, ମନ୍ଦାକିନୀ ବଘେଲ, ଜାନକୀ ଘିଭେଲା, ପ୍ରଦୀପ ପ୍ରଧାନ, ଈଶ୍ୱର ମେହେର, ହେରାମ୍ବ ବାଗ, ନିଳାଞ୍ଚଳ ମେହେର, ଗୋପୀନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ନେଇ ବୋଡେନଠାରେ ମଧ୍ୟ ନିଆଲଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୋଡେନ ବ୍ଲକ ସଭାପତି ଲୋକନାଥ ଛାତ୍ରିଆ, ସରପଞ୍ଚ ନୃପରାଜ ତାଣ୍ଡି, ଯୋଗୀନ୍ଦ୍ର ମାଝି, ବ୍ଲକ ଛାତ୍ର ସଭାପତି ଅଭିଷେକ ଯାଦବ, ଗ୍ୟାରିକୃଷ୍ଣ ବାଗ, ଗୌତମ ନିଆଲ ପ୍ରମୁଖଙ୍କ ସମେତ ପଞ୍ଚାୟତସ୍ତରୀୟ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।


କର୍ମୀ ସମ୍ମିଳନୀ ନେଇ ଆଲୋଚନା କରାଯାଉଛି।

## ଟ୍ରାକ୍ଟର ଚାପାରେ ଶିଶୁକନ୍ୟା ମୃତ

ନୂଆପଡ଼ା ଅଫିସ,୨୭।୭

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଗୋଡାଲ ପଞ୍ଚାୟତ ପଳସାପଡା ଗାଁରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଶିଶୁକନ୍ୟା ଜଣକ ହେଲେ କରିନା ଲୋହାର (୪)। ସେ ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ଦେଓଭୋଗ ଥାନା ଗୋଲାମାଲ ଗାଁର ବିଶ୍ୱକର୍ମା ଲୋହାରଙ୍କ ଝିଅ। ସେ ନିଜ ମା'ଙ୍କ ସହିତ ଅଜା ଘର ପଳସାପଡାକୁ ଗତ ସପ୍ତାହ ତଳେ ଆସିଥିଲେ। ସୋମବାର ସନ୍ଧ୍ୟାରେ ପଳସାପଡା ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ବିପରିତ ପଟୁ ଆସୁଥିବା ଏକ ଟ୍ରାକ୍ଟର (ନଂ.ଓଡି୨୬-ଡି୬୯୧୭) ଶିଶୁକନ୍ୟା ଉପରେ ମାଡି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସିନାପାଲି ପୋଲିସ ପହଞ୍ଚି ଶବ ଜବତ କରି ଟ୍ରାକ୍ଟରକୁ ଅଟକ ରଖିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି। ପୋଲିସ ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସିନାପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଡମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ସ୍କୁଲ ପରିଚାଳନା କମିଟି ଜରୁରିକାଳୀନ ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

କୋକସରା, ୨୭।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାପୀଠଠାରେ ମଙ୍ଗଳବାର ସ୍କୁଲ ପରିଚାଳନା କମିଟି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କୋକସରା ବିଡିଓ ମନୀଷା ଦାସ ଯୋଗଦେଇ ନବମ ଓ ଦଶମ ଶ୍ରେଣୀ ପାଇଁ ନିର୍ମାଣାଧୀନ ସ୍ମାର୍ଟ ସ୍କୁଲର ଆନୁସାଙ୍ଗିକ ନିର୍ମାଣ କାର୍ଯ୍ୟ ଉପରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ନିର୍ମାଣାଧୀନ ସ୍କୁଲ ବୁଲି ଦେଖିଥିଲେ। ବୈଠକରେ କୋକସରା ବିଇଓ ନାଗେଶ୍ୱର ପ୍ରଧାନ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ସନତ କୁମାର ପ୍ରଧାନୀ, ପ୍ରଦୀପ୍ତ ଦାସ, ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ, ଶିକ୍ଷକ ଅମିତ ମହାନ୍ତି, ବ୍ଲକ ସହକାରୀ ଯନ୍ତ୍ରୀ ତିଲୋତ୍ତମା ମାଝି, କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ନାଥଙ୍କ ସମେତ ସ୍କୁଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିବାଦୀୟ ଅଞ୍ଚଳରେ ୨ଜିଲାର ଅଧିକାରୀ


ଉଭୟ ଜିଲାର ଅଧିକାରୀମାନେ ବିବାଦୀୟ ଅଞ୍ଚଳରେ ପହଞ୍ଚି ଜାଗା ଦେଖୁଛନ୍ତି।

ଖଇରା, ୨୭।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଓ ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲ ଅଧୀନ ଶାରିଶୁଆ ପାହାଡର କିଛି ବିବାଦୀୟ ଅଞ୍ଚଳ ଉଭୟ ଜିଲାର ବୋଲି ଦାବି ହୋଇ ଆସୁଛି। ମଙ୍ଗଳବାର ଉଭୟ ଜିଲାର ଅଧିକାରୀ ମାନେ ଖଇରା ବ୍ଲକର ବାଉଁଶଗଡିଆ ପଞ୍ଚାୟତର ରମଦା ଗ୍ରାମ ନିକଟରେ ଉକ୍ତ ବିବାଦୀୟ ଜାଗା ପରିଦର୍ଶନ କରିବା ସହ ଅମିନଙ୍କ ଦ୍ୱାରା ନକ୍ସା ଦେଖି ଜମି ଚିହ୍ନଟ ପାଇଁ ଉଦ୍ୟମ କରିଛନ୍ତି। ବାଲେଶ୍ୱର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଏସିଏଫ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ ଚନ୍ଦ୍ର ନାୟକ, ରେଞ୍ଜର ବବିତା ସୋରେନ, ଫରେଷ୍ଟର ସୌମ୍ୟରଞ୍ଜନ ମାଝୀ, ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ମୟୂରଭଞ୍ଜ ଡିଏଫଓ ସନ୍ତୋଷ ଯୋଶୀ, ମୟୂରଭଞ୍ଜ ଏସିଏଫ ଦିଲିପ ବାରିକ, ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା,କପ୍ତିପଦା ତହସିଲଦାର ପ୍ରମୁଖଙ୍କ ଉପସ୍ଥିତିରେ ବିବାଦୀୟ ଜମିର ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ମଙ୍ଗଳବାର କେବଳ ନକ୍ସା ଦେଖି ଜମି ଚିହ୍ନଟ ଲାଗି ଉଦ୍ୟମ କରାଯାଇଥିଲା। ହେଲେ ଏହା ଚୂଡାନ୍ତ ହୋଇ ପାରିନାହିଁ। ପୁନଶ୍ଚ ପରବର୍ତ୍ତୀ ସମୟରେ ମାପ କରାଯାଇ ଚିହ୍ନଟ କରାଯିବାକୁ ଉଭୟ ଜିଲାର ଅଧିକାରୀଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି।

## ବ୍ଲକ କଂଗ୍ରେସର ବୈଠକ

ମୁରିବାହାଲ,୨୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଅସ୍ତଇ କାର୍ଯ୍ୟାଳୟଠାରେ ମଙ୍ଗଳବାର ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ଯୁଥ କଂଗ୍ରେସ ନେତା ସେଜି ସିଂ ସୁଲୁଜା ଯୋଗଦେଇଥିଲେ। ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୟ ହାସଲ କରିବା ଉପରେ ବକ୍ତବ୍ୟ ରଖିଥିଲେ। ଏହା ସହ ପ୍ରତି ପଞ୍ଚାୟତରେ କମିଟି ଗଠନ କରି ବିଭିନ୍ନ ଗ୍ରାମରେ ଥିବା ସମସ୍ୟା ସମାଧାନ ଦିଗରେ କର୍ମୀମାନେ କାର୍ଯ୍ୟ କଲେ ଦଳ ଲୋକଙ୍କ ଦ୍ୱାରା ଆଦୃତ ହୋଇ ପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲା ପରିଷଦ ସଭ୍ୟ ବେଲରସେନ ବେହେରା, ବିଭୀଷଣ ମହାନନ୍ଦ, ପ୍ରଦୀପ କୁମାର ଠାକୁର, ଯଦୁପତି ଅଗସ୍ତି, ରାଜୀବ କୁଅଁର, ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ସମତୁଲ ପାଇଁ ଅଣ୍ଟା ଭିଡ଼ିଲେ ପିଲା

ଭଦ୍ରକ ଅଫିସ, ୨୭।୭

ପିଲାମାନଙ୍କ ରାସ୍ତା ସମତୁଲ ଚିନ୍ତା। ରାସ୍ତା କଡ଼ରେ ପଡ଼ିଥିବା ମେଟାଲକୁ ଖାଲରେ ପକାଇ ସମତୁଲ କରିବା ପାଇଁ କିଏ ଅଖାରେ ବୋହି ନେଇଯାଉଛନ୍ତି ତ ଆଉ କିଏ ସାଇକେଲରେ ନେଇ ରାସ୍ତାରେ ଥିବା ଖାଲରେ ଢାଳି ସମାନ କରୁଛନ୍ତି। ଭଦ୍ରକ ବ୍ଲକ ଗେଲଟୁଆ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ପଞ୍ଚାୟତ ଆଦିବାସୀ କଲୋନୀଠାରୁ ବଗମରା ଗାଁକୁ ସଂଯୋଗ କରୁଥିବା ରାସ୍ତା ବର୍ଷାଦିନେ ଶୋଚନୀୟ ହୋଇପଡୁଛି। ଅନେକାଂଶରେ ଏହି ରାସ୍ତା କାମ ଚାଲିଥିବା ବେଳେ କିଛି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଯୋଗୁ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ଲୋକେ ହଇରାଣ ହୋଇ ଯାତାୟାତ କରୁଥିବାରୁ ଦୃଶ୍ୟ ଏହି କୁନି କୁନି ପିଲାମାନଙ୍କ ନଜରରେ ପଡ଼ିଥିଲା। ସେମାନେ ଏକାଠି ହୋଇ ଉକ୍ତ ରାସ୍ତା ସମତୁଲ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ପିଲାମାନଙ୍କର ଏଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।


ପିଲାମାନେ ରାସ୍ତାରେ ଗୋଡ଼ି ପକାଉଛନ୍ତି।

# ବିସ୍ଥାପିତଙ୍କ ସମସ୍ୟା ସମୀକ୍ଷା କଲେ ବିଧାୟକ

ଖଡିଆଳ, ୨୭।୭ (ଡି.ଏନ.ଏ.)

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**

ନୂଆପଡା ଜିଲା ଖଡିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପସ୍ଥିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବିସ୍ଥାପିତଙ୍କ ସମସ୍ୟା ନେଇ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ସମୀକ୍ଷା କରିଥିଲେ। ବିସ୍ଥାପିତଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ନୀତିଗତ ସମସ୍ୟା ରହିଛି ତାକୁ ସରକାରଙ୍କଠାରେ ଉପସ୍ଥାନ କରିବେ ବୋଲି କହିଛନ୍ତି। ବିସ୍ଥାପିତଙ୍କ ସମସ୍ୟା ସମାଧାନ ନେଇ ବିଭାଗ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି। ଉକ୍ତ ବୈଠକରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତରଣୀ ସୁନା, ଯୁକ୍ତ ଅଧିକାରୀ କପିଳଦେବ ସାହୁ, ଯୁକ୍ତ ଅଧିକାରୀ କାଳୁ ମାଝି, ଇଞ୍ଜିନିୟର ସୁରେଶ ଚନ୍ଦ୍ର ବୁଡେକ, ଡେମ ଇଞ୍ଜିନିୟର ଏସ ସାହୁ, କେନାଲ ଇଞ୍ଜିନିୟର ଏସଏସ ଦାସ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ବିସ୍ଥାପିତଙ୍କ ପକ୍ଷରୁ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।


ବିଧାୟକ ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

# ଜିଲାର ରେଳ ସମ୍ପର୍କିତ ଦାବି ଉପସ୍ଥାପନ

ନୂଆପଡ଼ା ଅଫିସ,୨୭।୭

**ସମ୍ବଲପୁର ରେଳ ଡିଭିଜନର ଭର୍ଚୁଆଲ ବୈଠକ**

ସମ୍ବଲପୁର ରେଳ ଡିଭିଜନ ଡିଆରଏମଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଡିଭିଜିନାଲ ରେଲୱେ ଉପଭୋକ୍ତା କମିଟି ସଭ୍ୟ ଗୋଲଡି ଅଗ୍ରୱାଲ ଜିଲାର ରେଳ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ନୂଆପଡା ସଦର ପୋଷ୍ଟ ଅଫିସରେ ଏକ ପିଆରଏସ ଟିକେଟ କାଉନଣ୍ଟର ଖୋଲାଯିବ, ଯାହା ପୂର୍ବରୁ ରେଳ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ଡାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପତ୍ର ଲେଖାଯାଇଛି। ଅନୁମୋଦନ ପରେ ଶୀଘ୍ର ଟିକେଟ କାଉନଣ୍ଟର ଖୋଲାଯିବ ବୋଲି ଡିଆରଏମ୍ କହିଥିଲେ। ନୂଆପଡା ଷ୍ଟେଶନରେ ସମସ୍ତ ଏକ୍ସପ୍ରେସ ଓ ସୁପରଫାଷ୍ଟ ଟ୍ରେନ ରହଣୀ ଦାବି ଉପରେ ରେଳଭବନ ଦିଲ୍ଲୀକୁ ପତ୍ର ଲେଖାଯାଇଥିବା ଡିଆରଏମ ସୂଚନା ଦେଇଥିଲେ। ଖରିଆରରୋଡ ରେଳ ଷ୍ଟେଶନରେ କୋଚ ଡିସପ୍ଲେ ଇଣ୍ଡିକେଟର ଶୀଘ୍ର ସ୍ଥାପନ କରାଯିବ ବୋଲି ସେ କହିଥିଲେ। ଫୁଟ ଓଭର ବ୍ରିଜ ଦୈର୍ଘ୍ୟ ବୃଦ୍ଧି କଲେ ଖରିଆର ରୋଡ ଆରପାରିରେ ରହୁଥିବା ୬ଟି ୱାର୍ଡର ଜନସାଧାରଣ ଉପକୃତ ହେବେ ବୋଲି ଅଗ୍ରୱାଲ ଦାବି କରିଥିଲେ। ମୋଙ୍ଗରାପାଲି ଅଣ୍ଡର ବ୍ରିଜର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା ପାଇଁ ରେଳ ବିଭାଗ ଏନଏସି ଇଓଙ୍କୁ ପତ୍ର ଲେଖିଛନ୍ତି। ୧୦ ଓ ୧୧ନଂ. ୱାର୍ଡରେ ରେଳ ବିଭାଗ ଜମିରେ ସହରର ଅଳିଆ ଅଗ୍ରେସନ ଭବନ ନିକଟରେ ଜମା ହୋଇ ଗୃହରେ ପ୍ରବେଶ କରୁଥିବାରୁ ରେଳ ବିଭାଗ ଏନଏସିକୁ ପ୍ରତିକାର ପାଇଁ ଅନୁମତି ଦିଅନ୍ତୁ ବୋଲି ଦାବି ହୋଇଥିଲା। ୨ ନମ୍ବର ପ୍ଲାଟଫର୍ମକୁ ରୋଗୀ, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ଯାତ୍ରୀମାନେ ଯିବା ପାଇଁ ଲିଫ୍ଟ ଓ ଇଲେକ୍ଟ୍ରିକାଲ ଗାଡି ବ୍ୟବସ୍ଥା। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ରେଳ ଷ୍ଟେଶନ ଅଞ୍ଚଳରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବା, ଟିକଟ ବୁକିଂ କାଉନଷ୍ଟର ରବିବାରରେ ମଧ୍ୟ ଖୋଲିବାକୁ ଦାବି କରିବା ସହ ଜିଲାର ଅନ୍ୟତମ ବ୍ୟସ୍ତ ବହୁଳ ଖଡିଆଳ ସହରକୁ ରେଳ ସଂଯୋଗ କରିବା ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ। ଭର୍ଚୁଆଲ ବୈଠକରେ ସମ୍ବଲପୁର ଡିଭିଜନ ଡିଆରଏମ, ଏଡିଆରଏମଙ୍କ ସମେତ ସମ୍ବଲପୁର ଡିଭିଜନର ଡିଆରୟୁସିସି, ବଲାଙ୍ଗୀର, କଳାହାଣ୍ଡି, ବରଗଡ, କଣ୍ଟାବାଞ୍ଜି, ଟିଟିଲାଗଡ ଓ କେସିଙ୍ଗାର ସଭ୍ୟମାନେ ଯୋଗଦେଇ ନିଜ ଅଞ୍ଚଳର ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ।